RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ସେପ୍ଟେମ୍ବର ୨୦୧୭
ମୂଲ୍ୟ : ୨୫ ଟଙ୍କା







**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୂଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

**ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତ ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।**

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର **ଷଷ୍ଠ ଅର୍ଘ୍ୟ** ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-3, September 2017, Issue No. VI
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...

### ପ୍ରବନ୍ଧ


❑ ବୌଦ୍ଧଧର୍ମରେ ଧାରଣୀର ପ୍ରୟୋଗ ଓ ବିଶ୍ୱାସ
ମାନସ କୁମାର ରାଉତ ୭


### ଗଳ୍ପ


❑ ଶେଷକଥା ବୁଢ଼ା ବରଗଛର
ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ୧୧

❑ ସମ୍ବର୍ଦ୍ଧନା
ବନଲତା ସିଂହ ୧୪

❑ ଅଛିଣ୍ଡା ଡୋରୀ
ଗଜେନ୍ଦ୍ର ବାଗ ୧୬

❑ ଅକୁହା କଥା
ବାମଦେବ ସ୍ୱାଇଁ ୧୮

❑ ମା' ମତେ ମିଛ କହିଲେ
ରାଧାକୃଷ୍ଣ ପାଣି ୨୦

❑ କହିବାକୁ ଲାଜ ମେଲଣ ମଜା
ସୁନାକର ସାହୁ ୨୨

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ........................................................................................................

ଠିକଣା ........................................................................ ପିନ୍‌କୋର୍ଡ଼ ........................................

ମୋବାଇଲ୍ ନମ୍ବର ...................................................... ଇ-ମେଲ୍ ................................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର........................................ ତାରିଖ.............................................................................

ବ୍ୟାଙ୍କ୍................................................ ସ୍ଥାନ..............................................................................

ତାରିଖ.................................................. ଦସ୍ତଖତ.........................................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ବୌଦ୍ଧଧର୍ମରେ ଧାରଣୀର ପ୍ରୟୋଗ ଓ ବିଶ୍ୱାସ

*ଗବେଷକ ମାନସ କୁମାର ରାଉତ*

ଧର୍ମ ଏକ ଛୋଟିଆ ଦୁଇଟି ଅକ୍ଷରରେ ମଳିତ ଶବ୍ଦଟିଏ । ମାତ୍ର ଏହାର ସଂଗ୍ୟା ଖୋଜିବା ଏକ ବୃହତ ଏବଂ କଠିନ କାର୍ଯ୍ୟ । ବୌଦ୍ଧଧର୍ମର ଖୀଷ୍ଟପୂର୍ବ ୬ଷ୍ଟ ଶତାବ୍ଧୀ ବେଳକୁ ଉପ ତ୍ତି ହୋଇଥିଲେ ମଧ ପରବ ର୍ତ୍ତୀ ଅବସ୍ଥାରେ ଏହା ଏକ ସାମଜିକ ଗଣଧର୍ମରେ ରୂପାନ୍ତରିତ ହୋଇଥିଲା । ଓଡିଶା ବା ପ୍ରଚୀନ କଳିଙ୍ଗରେ ଏହାର ବିଜ ବପନ କରିଥିଲେ କଳିଙ୍ଗର ଦୁଇ ବଣିକ ଭ୍ରାତା ତପସୁ ଏବଂ ଭଲିକ । ଏହି ଦୁଇ ଭ୍ରାତା ବୁଦ୍ଧଦେବଙ୍କୁ କାକରା ଅର୍ପଣ କରି ତାଙ୍କର ଶିଷ୍ୟତ ଗ୍ରହଣ କରିଥିଲେ ଏବଂ ତାଙ୍କ ଠାରୁ କେଶ ଏବଂ ନଖ ଅସ୍ଥିର ଅବଶେଷ ପ୍ରାପ୍ତ କରିଥିଲେ । ଯାହାକୁ ପରବ ର୍ତ୍ତୀ ସମୟରେ ଦୁଇଟି ବୃହତ ସ୍ତୁପରେ ପରିଣତ କରାଇଥିଲେ । ଏବେ ତରାପୁରରେ ରହିଥିବା ସ୍ତୃପକୁ ଗବେଷକ କେଶ ଅସ୍ତି ସ୍ତୁପ ସହିତ ଚିହ୍ନଟ କରିଛନ୍ତି । ଏଠାରେ କେଶସ୍ତୃପ ରହିଥିବା ବ୍ରହ୍ମୀ ଭାଷାରେ ଏକ ଖୋଦିତ ଲିପି ରହିଛି । ପରେ ସମର୍ଗ ଉତ୍କଳରେ ଏହି ଧର୍ମପରିବ୍ୟପ୍ତ ହେବା ସହ ଉତ୍କଳ ଏକ ସେତୁ ଭଳି ସମର୍ଗ ବିଶ୍ୱକୁ ବୌଦ୍ଧଧର୍ମର ପରିବ୍ୟପ୍ତ କରାଇବାରେ ଏକ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିପାରିଥିଲା । ପରେ ପରେ ଅନ୍ୟ ବୌଦ୍ଧ ଭିକ୍ଷୁ ବା ସାଧୁ ମାନଙ୍କ ପ୍ରଚେଷ୍ଟା ଫଳରେ ଏଠାରେ ବୌଦ୍ଧଧର୍ମର କେତକ ନୂତନ ମତବାଦ ବା ଶଖାର ମାର୍ଗ ଉନ୍ମକ୍ତ ହୋଇଥିଲ । ଫଳରେ ବୌଦ୍ଧଧର୍ମ ଉନ୍ନତିର ଶିଖରରେ ପଂହଚିଥିବା ବେଳେ ଏହି ନୂତନ ମାର୍ଗ ଗୁଡିକ ବିଶ୍ୱଧାରୀ ହୋଇପରିଥିଲା । ହେଲେ ବିଶ୍ୱର କୋଣଅନୁକୋଣରେ ଆଜି ବୌଦ୍ଧଧର୍ମ ଜୀବିତ ରହିଥିବା ବେଳେ ଉତ୍କଳରେ ନୂତନତାମାର୍ଗର ପ୍ରଚଳନ ହୋଇଥିଲା । ମାତ୍ର ଅନେକ ଗବେଷକ ଆଜିବି ଏଭଳି ମତରେ ସମକ୍ଷକ ହୋଇପରୁନାହାନ୍ତି କାରଣ ବୌଦ୍ଧ କଳା ସ୍ଥାପତ୍ୟ ମଧରେ ଏଭଳି କୌଣସି ମିଥୁନ ବା ମୌଥୁନ କଳାସ୍ଥାପତ୍ୟ ମଳିବାର ପାଚୁର୍ଯ୍ୟତା ନାହିଁ । ଅନ୍ୟପଟରେ ଏକ ଗଣଧର୍ମ ହୋଇଥିବା ବେଳେ ତାହା କିପରି ଏତେ ସହଜରେ ଲୁପ୍ତ ହୋଇପରିବ ବୋଲି ସହଜରେ ଏହି କଥାକୁ ଗ୍ରହଣ କରିପାରୁନହାନ୍ତି । ଏହି ଧର୍ମଧାରାରେ କେବଳ ସ୍ତୁପହିଁ ପ୍ରଥମ ପୂଜା ଭାବେ ବ୍ୟବହାର କରାଯାଇଥିବା ବେଳେ ତହିଁରେ ଅସ୍ଥିଅଂଶ ଖଚିତ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା । ପ୍ରଥମ ଶତାଦ୍ଧୀରେ କନିଷ୍କଙ୍କ ସମୟରେ କଣ୍ଡଳବନଠାରେ ଆହୁତ ୪ର୍ଥ ବୌଦ୍ଧ ସମ୍ମଳନୀ ବସୁମିତ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା । ଯେଉଁ ସମୟରେ ବୌଦ୍ଧଧର୍ମରେ ମହାଯାନ ନାମରେ ଏକ ଧାର୍ମିକ ତତ୍ତ୍ୱଯୁକ୍ତ ଶଖାରେ ଉପ ତ୍ତି ହୋଇଥିଲା । ଏହି ସମୟରେ ରାଜା କଳିଷ୍କ ପ୍ରଥମଥର କରି ଏକ ମୂର୍ତ୍ତି ପ୍ରତିମାକୁ ଧାରଣ ପୂର୍ବକ ଗ୍ରାମପରିଭ୍ରମଣ କରିଥଲେ । ଏହା ପରେ ବୌଦ୍ଧଧର୍ମରେ ମୁ ର୍ତ୍ତି ପୂଜାର ପ୍ରବଳିକା ଆରମ୍ଭ ହେବା ସହିତ ବୌଦ୍ଧ ଧର୍ମରେ ଧାରଣୀ ଏକ ବିଶ୍ୱାସ ଭାବେ ବିକଶିତ ହୋଇଥିଲା । ଏହି ଧାରଣୀର ବିଶ୍ୱାସ ଏକ ଅଦୀତିୀୟ ହେବା ସହିତ ସମୟର ତାଳରେ ତାର ବିକଶିତ ହେବା ସହିତ ଏଥିରେ ନୂତନତାର ବିଶ୍ୱାସ ନର୍ବାଣ, ନିରୋଧ, ଅନୁକମ୍ପା, ଦୃଗତିପରିଶୋଧନ, ଭୟରୁ ମୁକ୍ତି, ଏବଂ ନିଜର ଅଦିତୀୟବିଶ୍ୱାସ ବା ଅଭୟକୁ ସୁରକ୍ଷା କରାଯିବା ପାଇଁ ଏହି ଧାରଣୀ ଗୁଡିକ ବହୁଳ ଭାବରେ ବ୍ୟବହୃତ ହେବା ସହିତ ଏକ ଦୃଢ଼ ବିଶ୍ୱାସ ବଳୟ ସୃଷ୍ଟି କରିପାରିଥିଲା । ଯାହାର ପ୍ରମାଣ ଉଦୟଗିରି, ରତ୍ନଗିରି, ଏବଂ ଲଳିତଗିରରେ ଆବିଷ୍କୃତ ଧାରଣୀ ଗୁଡିକ ଏହାର ପ୍ରମାଣ କରିପାରିଛି । ପରବ ର୍ତ୍ତୀ ସମୟରେ ତନ୍ତ୍ରମନ୍ତ୍ରର ପ୍ରବଳିକା ହୋଇଥିବା ସତ୍ୱେ ଏହି ଧାରଣୀ ତହାର ବିଶ୍ୱାସନୀୟତା ହରାଇନାହିଁ । ବର ଏହା ତନ୍ତ୍ରମନ୍ତ୍ର ସହିତ ତାଳ ଦେଇ ନିଜର ବିଶ୍ୱାସନୀୟତା ବଜାଇ ରଖିଥିଲା ବୌଦ୍ଧଧର୍ମବାଲମ୍ବୀଙ୍କ ମଧରେ ।

ଧାରଣୀ

ଧାରଣୀ କହିଲେ ଏକ ବିଧି ବା ବିଧାନକୁ ବୁଝାଇଥାଏ ଯେଉଁଥିରେ କି କେତକ ମନ୍ତ୍ର ବା ବକ୍ତବ୍ୟ

(ବୁଦ୍ଧ, ବୋଧିସ୍ତବା, ବା ପ୍ରସିଦ୍ଧ ବୌଦ୍ଧ ସାଧୁ ମାନଙ୍କର) ସ୍ରୋତ ମାଧମରେ ଲିଖିତ କରାଯାଇଥାଏ । ସଂସ୍କୃତ ଭାଷରେ ଏହି ଶବ୍ଦଟି 'ଧର୍'ରୁ ଉନ୍ନୀତ ଯାହାର ଅର୍ଥ ଧାରଣ କରିବା ବା ଭରଣ କରିବା । ଅନ୍ୟ ଅର୍ଥରେ ଧାରଣୀ ହେଉଛି ଏକ ସୃତି ସହାୟକ ଯେଉଁଥିରେ କେତକ ସୃତି ମନ୍ତ୍ର ଭଳି ସମାପିତ ହୋଇଥାଏ ।

କୌକାଇ ବୌଦ୍ଧସାଧୁଙ୍କ ମତରେ ଧାରଣୀ ହେଉଛି ଏକ ତତ୍ତ୍ୱଯୁକ୍ତ ମନ୍ତ୍ର । ଏଥିରେ ଗୂଢ଼ରହସ୍ୟ ପାଇଁ ମନ୍ତ୍ରକୁ ବ୍ୟବହାର କରାଯାଇ ଉପଯୋଗ କରାଯାଏ ବୋଲି ସେ ମତଦେଇଛନ୍ତି । ସମସ୍ତ ମନ୍ତ୍ରକୁ ସର୍ବସମ୍ମୁଖରେ ପ୍ରକାଶ କରାଯାଉନଥିବା ବେଳେ ଧାରଣୀ ସର୍ବସମ୍ମୁଖୀ କୃତ ଆବୃତ୍ତି କରାଯାଇପରିଥାଏ ବୋଲି ସେ ଦର୍ଶାଇଛନ୍ତି । ଯାହାକି ପ୍ରତ୍ୟକ ବୌଦ୍ଧଧର୍ମବଲମ୍ବୀ ମାନଙ୍କ ସୁନ୍ୟତା ଆଡକୁ ଏକ ମାର୍ଗ ବୋଲି ସେ ମତ ଦେଇଛନ୍ତି ।

ଗବେଷକ ରେଡ୍ ପାଇନଙ୍କ ମତରେ ଧାରଣୀ ହେଉଛି ନିଜଭିତରେ ବଦଳିପାରୁଥିବା ଏକ ବକ୍ତବ୍ୟ ବା ମନ୍ତ୍ର । ଯାହାର କିଛି ନିର୍ଦ୍ଧିଷ୍ଟ ତତ୍ତ୍ୱ ରହିଛି । ଜନ୍ ନଟିରଙ୍କ ଭାଷରେ ମନ୍ତ୍ର ହିନ୍ଦୁ ଧର୍ମର ବେଦରୁ ଅନୀତ ହୋଇଥିବା ବେଳେ ଧାରଣୀ ବୌଦ୍ଧଧର୍ମ ପୂର୍ବରୁ ହୋଇନାହିଁ । ଯାହାକି ମନ୍ତ୍ରକୁ ସ୍ୱତନ୍ତ୍ର ଭାଷା ଏବଂ ତତ୍ତ୍ୱ ସହିତ ଏକ ଭାଷ୍ୟମଧମରେ ପରିସ୍ଫୁଷ୍ଟ କରାଇବାରକୁ ଧାରଣୀ ବୋଲି ମାନିନେବା । ଏହି ଧାରଣୀ ବୌଦ୍ଧଧର୍ମରେ ବହୁଳଭାବେ ପ୍ରଚଳିତ । ଓଡିଆ ଭାଷରେ ତତ୍ତ୍ୱଯୁକ୍ତ ମନ୍ତ୍ରକୁ ଦୋହା ଆକାରରେ ପରିପ୍ରକାଶ କରିବା ହିଁ ଧାରଣୀ ବୋଲି ଅନୁମେୟ । ଅନ୍ୟ ଏକ ଅର୍ଥରେ ଯଦି କୌଣସି ବ୍ୟକ୍ତି ଏଭଳି ଧାରଣୀ କରି ତାହାକୁ ସ୍ତୁପ ମଧରେ ନିକ୍ଷେପ କରିଲେ ଲକ୍ଷେ ପାପରୁ ମୁକ୍ତ ହୋଇଥାଏ ବୋଲି ବୌଦ୍ଧଧର୍ମରେ ବିଶ୍ୱାସ ରହିଛି ।

ବୌଦ୍ଧଧର୍ମର ପ୍ରସିଦ୍ଧ ଧାରଣୀ ମଧରେ
ହେ ଧର୍ମ ହେତୁ ପ୍ରଭାବ ଧାରଣୀ
ନିଳକଣ୍ଠ ଧାରଣୀ
ଉପନିଶ ବିଜୟ ଧରଣୀ
ଚୁଣ୍ଡି ଧାରଣୀ

ଏହି ଚାରିଗୋଟି ଧାରଣୀ ବୌଦ୍ଧଧର୍ମରେ ଅଧିକ ମାତ୍ରାରେ ପ୍ରଚଳିତ ହୋଇଥିବା ବେଳେ ଏଥିମଧରେ 'ହେ ଧର୍ମ ହେତୁ ପ୍ରଭାବ' ଧାରଣୀ ଅଧିକ ମାତ୍ରାରେ ପ୍ରଚଳିତ । ଓଡିଶାର ବୌଦ୍ଧତୀରତ୍ନ ହୀରକ ତୀଭୁଜରେ ଏହି ଧାରଣୀ ସର୍ବବ୍ୟାପି ରହିଥିଲା ।

'ହେ ଧର୍ମ ହେତୁ ପ୍ରଭାବ' ଧାରଣୀ

ଏହା ହେଉଛି ବୌଦ୍ଧ ଧର୍ମର ପ୍ରସିଦ୍ଧ ସଂସ୍କୃତ ମନ୍ତ୍ର ଯାହାକି ପୁରାତନ ସମୟରେ ପ୍ରଚଳିତ ଥିଲା । ଏପରକି ପାଲି ଗ୍ରନ୍ଥରେ ଧାରଣୀ ଉପତ୍ତି ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଧାରଣୀର ଉପର୍ତ୍ତି ମୁଖ୍ୟତଃ ଅର୍ହତ ବା ଅସଜି (ସଂସ୍କୃତରେ ଅସଜିତ) ଭଳି ଦୁଇଟି ଶବ୍ଦରୁ ଅସିଥିବା ପ୍ରତୀୟ ହେଉଥିବା ବେଳେ ଯେଉଁସମୟରେ ବୁଦ୍ଧଦେବ ଶିକ୍ଷାଦାନ କରୁଛନ୍ତି ସେହି ସମୟରେ ସାରିପୁତ୍ର ପ୍ରଥମ ପଥ ବା ସତ୍‌ପଥ ଉପରେ ନିଜର ବନ୍ଧୁ ମୋଗଲିୟାନକୁ କହି ନିଜର ୫୦୦ସାଧୁ ଶିଷ୍ୟକୁ ଧରି ବୁଦ୍ଧଙ୍କ ଶିଷ୍ୟତ୍ୱ ପାଇଁ ଯାଇଛନ୍ତି ।

ହେ ଧର୍ମ ହେତୁ ପ୍ରଭାବା ହେତୁନ
ତେସାମ ତଥାଗତଃ ହ୍ୟବଦତ
ତେଷା ଚ ୟୋ ନିରୋଧ
ଏବଂ ବାଦି ମହାଶର୍ମଣ

ଯାହାର ଅର୍ଥ ସମସ୍ତ ଅପୂର୍ବର ପରିସର କୌଣସି କାରଣରୁ ଆସିଥାଏ । ଏହି କାରଣ ଗୁଡିକକୁ ତଥାଗତ ବୁଦ୍ଧ ପ୍ରକାଶ କରିଛନ୍ତି । ଏଥିରୁ ବିରତ ହେବା କିମ୍ବା ଦଣ୍ଡରୁ ମୁକ୍ତ ହେବା ପରେ ତାଙ୍କୁ ମହାନ ଶର୍ମଣରେ ପରିଣତ କରିଥାଏ । ପାଲିରେ ଯାହାକୁ ଦୁଖ, ସମୁଦାୟ, ଏବଂ ତୃତୀୟ ହେଉଛି ନିରୋଧକୁ ବୁଝାଇଥାଏ । ଅର୍ଥାତ ସମୁଦାୟ ଅପୂର୍ବ ଦୁଖରୁ ବିରତ ହେବା । ଯେତେବେଳେ ମହାଯାନରେ ମନ୍ତ୍ରକୁ ଗ୍ରହଣ କରାଗଲା ସେହି ସମୟରେ ଏହି ମନ୍ତ୍ର ଗୁଡିକ ବିଭିନ୍ନ ମାର୍ଗରେ ପରିଦର୍ଶିତ କରାଯାଇଥିଲେ । ଏହାର ଅନ୍ୟ ଦୁଇଟି ଧାଡି ଶ୍ଳୋକ ମାଲେସିଆର କେଡାହରେ ଆବିଷ୍କୃତ ବୁକ୍ତି ମେରିୟମ ଶିଳାଲେଖରେ ଲେଖାଯାଇଛି ।

ଅର୍ଜନିକ କର୍ମ ଜନ୍ମନହ କର୍ମ କର୍ମଣେ
ଜିନାନ-ନ-ଚିତେ କର୍ମ କର୍ମ ଭବିନ-ନଂ ଜୟତେ

ଜନ୍ମର କାରଣ ହେଉଛି କର୍ମ, କର୍ମ କର୍ମକୁ ପାସୋରିବା ଏକତ୍ରୀକୃତ ନୁହେଁ, ବରଂ ଜ୍ଞାନଦ୍ୱାରା କର୍ମର ସଠିକ ଏକତ୍ରୀକରଣ କରିବା । ଯଦି କର୍ମ ନାହିଁ ତେବେ ପୁନଃଜନ୍ମ ମଧ କିଛି ମୂଲ୍ୟ ନାହିଁ ବୋଲି ଏହି ଶୋକ୍ଳରେ

ଅନୀତ ହେଉଛି । ଏଥି ଧରଣର ଧାରଣୀ ମଧରେ ଅନ୍ୟ ଦୁଇଟି ପ୍ରସିଦ୍ଧ ମନ୍ତ୍ର ହେଉଛି 'ଓମ ମଣି ପଦ୍ମେ ହୁମ' ଓ 'ଅଷ୍ଟମଙ୍ଗଳ'

ନିଳକଣ୍ଠ ଧାରଣୀ

ଏହି ଧାରଣୀକୁ ମହାନ ଅନୁକମ୍ପା ବା କରୁଣାମନ୍ତ୍ର ଧାରଣୀ ଭାବରେ ପ୍ରସିଦ୍ଧ । ଏହି ଧାରଣୀଟି ମହାଯାନ ସମୟରେ ଉପ ତ୍ତି ଲାଭ କରିଥିବା ବେଳେ ଏହାକୁ ବୌଦ୍ଧସତ୍ୱ ଅବଲୋକିତେଶ୍ୱର କହିଛନ୍ତି ।

ମହାକରୁଣାଚି ତ୍ତ ସୁତ୍ର ଅନୁସାରେ 'ଓମ ମଣି ପଦ୍ମେ ହୁମ' ପ୍ରସିଦ୍ଧ ମନ୍ତ୍ର ହେଉଛି ପୂର୍ବଏସିଆରେ ପ୍ରଚଳିତ । ଏହାକୁ ଶୋଧନ କରିବାରେ ବ୍ୟବହୃତ କରାଯାଇଥାଏ । ଏପରକି ପବିତ୍ରକରଣର ସୁରକ୍ଷା ପାଇଁ ଏହାର ଅବୃତ କରାଯାଇଥାଏ । ଏହା ଚୀନର ନୀଳଦେବ ଲୋକେଶ୍ୱରରୁ ଆସିଅଛି । ଏହାକୁ ଅମୋଘବଜ୍ର ଅନୁବାଦ କରିଥିଲେ । ପରେ ଏହା ଜାପାନ, କୋରିଆ, ଭିଏତନାମ, ଆଦି ବିଭିନ୍ନ ସ୍ଥାନକୁ ପରିବ୍ୟପ୍ତ ହୋଇଥିଲା ।

ନମୋ ରତ୍ନ ତ୍ରୟାୟ
ନମୋ ଆର୍ଯ୍ୟ ଅବିଲୋକିତେଶ୍ୱରାୟ
ବୋଧିସତ୍ୱ, ମହାସତ୍ୱ ମହାକରୁଣାକାୟ
ଓମ ସର୍ବ ରବିୟେ ସୁଦାନାଦଶ୍ୟ ନମସ୍ୟ
କତିଭ୍ୟ ଇମାମା ଆର୍ଯ୍ୟ ଅବଲୋକିତେଶ୍ୱର ରାମଧାବ
ନମ ନରକିଳ ହିରିହ ମହା ହତ ସାମେ ସବ ଅର୍ଥତ ଶୁଭମ ଅଜୟମ
ସର୍ବ ସତ ନାମ-ବସତେ ନମୋ ବକ ମାଭିତତେ
ତତୟାତ
ଓମ ଅବଲିକେତେଶ୍ୱ କ୍ରତେ ଇ ହରିହି ମହାବୋଧିସତ୍ୱ ସର୍ବ
ସର୍ବ ମାଳା ମାଳା ମାହି ମାହି ମାହି ରହିଡାୟମା
କୁରୁ କୁରୁ କର୍ମ, ଧୁରୁ ଧୁରୁ ବିଜୟତେ ମହା ବିଜୟତେ
ଧର ଧର ଧାରନିଶ୍ୱରାୟ ଚଳ ଚଳ ମାମା ବିମଳା ମୁକ୍ତଳେ
ଏହି ଏହି ସିନା ଆର୍ଶମ ପରିସରି ବିଶ୍ୱ ବିଶ୍ୱମ ପ୍ରୟାସ
ହୁଳୁ ହୁଳୁ ମାର ହୁଳୁ ହୁଳି ହରିନ୍ଦ୍ର ସର ସର ସରି ସରି ସୁରୁ ସୁରୁ
ବୋଧ୍ୟାୟ,ବୋଧ୍ୟାୟ, ବୋଧ୍ୟାୟ, ବୋଧ୍ୟାୟ
ମତ୍ରେୟ ନିରବନ୍ଦ ଦର୍ଶନ
ଭାୟମନା ସାହା, ସିଦ୍ଧୟା ସାହା, ମହାସିଦ୍ଧାୟ ସାହା
ସିଦ୍ଧ ଯୋଗିଶ୍ୱରାୟ ସାହା, ନାରକଳି ସାହା
ମାରନିରା ସାହା, ସିରି ସହ ମୁଖାୟ ସାହା
ସର୍ବ ମହା ଆମିଦାୟ ସାହା, ପଦ୍ମକଷ୍ଟେ ସାହା
ନରକନ୍ଦି ବଳଗଳା ସାହା, ମବରି ଶଙ୍କରାୟ ସାହା
ନମଃ ରତ୍ନ ତ୍ରିହିହ
ନମ ଆର୍ଯ୍ୟ ଅବଲୋକିତେଶ୍ୱର ସାହା
ଓମଃ ସିଦ୍ଧାନ୍ତ ମନ୍ତ୍ର ଫଡ୍ହାୟ ସାହା

ଉସନିଶ ବିଜୟ ଧାରଣୀ

ଏହା ହେଉଛି ମହାଯାନ ଧାରାର ଏକ ମନ୍ତ୍ର । ସଂସ୍କୃତରେ ଏହା ସର୍ବଦୃର୍ଗତି ପରିଶୋଧନ ଉସନିଶ ବିଜୟ ଧାରଣୀ ସୁତ୍ର ନାମରେ ଜଣାଯାଇଥାଏ । ଏହା ସଂସ୍କୃତରୁ ଚାଇନିଜ ଭାଷାକୁ (ଖ୍ରୀଷ୍ଟାବ୍ଦ ୬୭୯-୯୮୮) ୮ଥର ଅନୁବାଦ କରାଯାଇଛି । ଫଳରେ ଏହା ଚୀନରେ ବହୁଳ ଭାବରେ ପ୍ରଚଳିତ ହୋଇପରିଛି । ତାଙ୍ଗ ରାଜବଂଶ ସମୟରେ ଏହାର ପ୍ରସାର କରାଯାଇଥିଲା । ଏହା ମୋଧିମଣ୍ଡ ମଞ୍ଜୁଶ୍ରୀ ସହିତ ସମ୍ପର୍କ ରହିଛି ।

ଏହି ଧାରଣୀ ଅନୁସାରେ ସମଗ୍ର ବିଶ୍ୱକୁ ଅସୁବିଧାରୁ ଦୂର କରିବା ଏବଂ ଦୁଖଃ ଦୁରେଇ ଖୁସିରେ ଅଧିକ କାଳ ରହିବା ପାଇଁ ଏହାକୁ ବ୍ୟବହୃତ କରାଯାଇଥାଏ । ଏହାର ଅବୃତ ଫଳରେ ବୁଦ୍ଧଦେବଙ୍କ ମାର୍ଗରେ ଚାଲିବା ସୁଗମ ହୋଇଥାଏ ।

ସୁତ୍ର

ଏକ କାହାଣୀ ଅନୁସାରେ ଦେବପୁତ୍ର ସୁଷ୍ଟତିଙ୍କ ନିଜର ପୁନଃଜନ୍ମ (୭ଗୋଟି ପଶୁ ଜନ୍ମ ଯଥା କୁକୁର, ଗୁଷୁରୀ, ଗଧିଆ, ମାଙ୍କଡ, କାଉ,ଶାଗୁଣା) ସମ୍ପର୍କରେ ଜଣାପଡିବା ପରେ ସେ ଏଥିରେ ବିଚଳିତ ହୋଇ ସୁକ୍ରଦେବଙ୍କ ସାହାଯ୍ୟରେ ବୁଦ୍ଧଙ୍କ ଶରଣ ନେଇଛନ୍ତି । ଏଥିରୁ ମୁକ୍ତ ହେବା ପାଇଁ ବୁଦ୍ଧଦେବ ତାଙ୍କୁ ଉସନିଶ ବିଜୟ ଧାରଣୀ ସମ୍ପର୍କରେ ଜ୍ଞାନ ଦେଇଛନ୍ତି । ଏହାକୁ ଆବୃତ୍ତି କରି ସେ ମୁକ୍ତ ହେବା ପରେ ଜମ୍ବୁଦୀପ ସମେତ ବିଭିନ୍ନ ସ୍ଥାନକୁ ଏହାର ପ୍ରସାର କରାଇଛନ୍ତି ।

ନମ ଭଗବତେ ତ୍ରିଲୋକ-ପ୍ରତିଭିସିଷ୍ଟାୟ, ବୁଦ୍ଧାୟ ଭଗବତେ

ତହ୍ୟାଥା ଓମ ବିଶୋଧାୟ,ବିଶୋଧାୟ, ଅସମ-

ସମ ସମାନ୍ତବଭୋଷ-ସ୍ରର୍ପରଣ ଗତି ଗାହାଣ ସାଭାବ ବିଶୁଧେ

ଅବିଶିନ୍ତ=ମମ-ସାଗତ ବର ବାଛନ ଅର୍ମତ ଅଭିଷେକ ମହାମନ୍ତ ଫଡ଼ାଇ

ଅହୟ ଅହୟ ଅୟ-ସମ-ଧାରଣୀ ଶୋଧାୟ-ଶୋଧାୟ ଗଗନ ସାଭାବ ବିଶୁଧେ

ଉସନିଶ ବିଜୟ ବିଶୁଧେ ସହ୍ରସ ରଶ୍ମି ସମ ଚତତେି

ସର୍ବ ତଥାଗତ ହୃଜୟେ ଅଧିସ୍ଥାନଧିଷ୍ଟିତେ ମହା ମୁଦ୍ରେ

ବଜ୍ର କାୟ ସମ-ହୀତାନ ବୁଶୁଧେ

ସର୍ବ ଅପରଣ ଅପୟେ-ଦ୍ରଗତି-ପରି-ବିଶୁଧେ, ପ୍ରତି-ନିର୍ବତୟ-ଆୟୁ-ସୁଧେ

ତଥାୟ ଭୂତ-କୋଟି-ପରିଶେଧେ ବିଶୁପ୍ତ ସୁଧେ

ଜୟ ଜୟ ବିଜୟ- ବିଜୟ ସାହହର ସହର ସର୍ବ ବୁଦ୍ଧେ ଅଧିଷ୍ଟିତ ସୁଧେ

ବଜ୍ର ବଜ୍ର ଗଧେ ବଜ୍ରରାମ, ଭବତୁ ସମ ସରିରାମ

ସର୍ବ ସତବାନମ ଚ କାୟେ ପରି ବିଶୁଧେ, ସର୍ବଗତ ପରିଶୁଧେ

ସର୍ବ ତଥାଗତ ସମବସ୍ତୁ ଅଧିଷ୍ଟିତେ

ବୁଦ୍ଧ ବୁଦ୍ଧ ବିବୁଦ୍ଧ ବିବୁଦ୍ଧ

ବୋଧାୟ ବୋଧାୟ ବିବୋଧାୟ ବିବୋଧାୟ ସମସ୍ତ ପରିଶୁଧେ

ସର୍ବ ତଥାଗତ ହୃଦୟେ ଅଧିଷ୍ଟାନଧିଷ୍ଟିତେ ମହାମୁଦ୍ରେ ସାହା ।

ଚୁଣ୍ଡୀ ଧାରଣୀ

ଏହି ଧାରଣୀ ଚୀନରେ ବହୁଳ ପ୍ରଚଳିତ ।

ନମହ ସପ୍ତନାମ ସାମାୟସମବୁଦ୍ଧ

କୋଟିନାମ ତଡାୟଥ

ଓମ ଚଳେ ଚଳେ ଚୁଣ୍ଡି ସାହା

ଏହାକୁ ଆବୃତ୍ତି କରିବା ପୂର୍ବରୁ ତିନିଥର ପଠନ କରାଯାଇଥାଏ । କୌଣସି ବରଦାନ ବା ଦାନ ଦିଆଯାଇଥିବା ଦ୍ରବ୍ୟ ବସ୍ତୁର ସୁରକ୍ଷା କରିବା ପାଇଁ ଏହାକୁ ଆବୃତ୍ତି କରାଯାଇଥାଏ ।

ଏହି ଧାରଣୀକୁ ଯେଉଁ ଭିକ୍ଷୁ , ଭିକ୍ଷୁଣୀ, ଛାତ୍ରଛାତ୍ରୀ ,୮ ଲକ୍ଷ ଥର ଆବୃତ୍ତି କରିବ ସେ ପ୍ରତ୍ୟକ ଜନ୍ମରେ ମଧ ବୁଦ୍ଧ ଏବଂ ବୋଧିସତ୍ୱ ମାନଙ୍କ ଦର୍ଶନ ଲଭି ପାରିବ । ପ୍ରତ୍ୟେକ ଜନ୍ମରେ ସେମାନେ ବୋଧିସତ୍ୱ ପରି ଜୀବନ ନିର୍ବାହ କରିପାରିବେ । ଏପରକି ସେମାନେ ଏହାର ଅଭିଭାବକ ମଧ ହୋଇପରିବେ ବୋଲି ବିଶ୍ୱାସ ରହିଛିଏହି ଧାରଣୀର ଆବୃତ୍ତି କରିବା ଫଳରେ ସମ୍ପୂର୍ଣ୍ଣ ନିର୍ବାଣ ସହିତ ମଧ ସର୍ମ୍ପକ ରକ୍ଷା କରାଯାଇପରିବ ବୋଲି ବୌଦ୍ଧଧର୍ମଲମ୍ବୀ ମାନଙ୍କ ମଧରେ ବିଶ୍ୱାସ ରହିଛି ।

ତେବେ ବୌଦ୍ଧ ଧର୍ମରେ ଧାରଣୀ ବା ମନ୍ତ୍ରର ବିଶ୍ୱାସ ଅଧିକ କ୍ରିୟଶୀଳ ହୋଇଥିବା ବେଳେ ଓଡିଶାରେ ମଧ ଏକ ଅଦିତ୍ୱୀୟ ବିଶ୍ୱାସ ରଚିବା ସହିତ ଏହାକୁ ଦୀର୍ଘକାଳ ପ୍ରର୍ଯ୍ୟନ୍ତ ସଂଜିବିତ କରି ରଖିପାରିଥିଲା । ଏହାର ଆବୃତ୍ତି ଫଳରେ ଭିକ୍ଷୁ ଭିକ୍ଷୁଣି, ଛାତ୍ରଛାତ୍ରୀ, ବୌଦ୍ଧଧର୍ମଲମ୍ବୀ ମାନେ ନିର୍ବାଣପ୍ରାପ୍ତ କରିବାର ବିଶ୍ୱାସ ସଦା ପ୍ରଚଳିତ ହୋଇ ରହିଆସିଛି ଚିରଦିନ ପାଇଁ ।

ଗବେଷକ , ରେଭେନ୍ସ ବିଶ୍ୱାବଦ୍ୟାଳୟ, କଟକ
କଦଳା, ହରିଦାସପୁର, ଧର୍ମଶାଳା , ଯାଜପୁର
ମୋ-୯୮୫୩୯୭୬୯୧୯

୦୦୦

# ଶେଷକଥା ବୁଢ଼ା ବରଗଛର

ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର

ସମ୍ପର୍କ ଏକ ସ୍ନେହର ଦଉଡ଼ିରେ ବନ୍ଧା ହୋଇଥାଏ 'ସେଥିରେ ନଥାଏ ସ୍ୱାର୍ଥ, ପରଶ୍ରୀକାତରତା, ନଥାଏ ବେଶୀ, କମ୍ ତଉଲିବାର ତରାଜୁ' କିନ୍ତୁ ଯଦି ଏହି ସମ୍ପର୍କ ଭିତରେ ସ୍ୱାର୍ଥପରତା ପଶିଯାଏ ତେବେ ଏହା ହୋଇଯାଏ ଏକ କିଣାବିକାର ସଉଦା ।

ସେଦିନ ଭାରାକ୍ରାନ୍ତ ସ୍କୁଲ ବ୍ୟାଗକୁ କାନ୍ଧରେ ପକାଇ ଦୌଡ଼ି ଦୌଡ଼ି ସ୍କୁଲ ଗେଟ୍ ପାଖକୁ ଆସୁଥିଲା ଛଅବର୍ଷ ବୟସର ପିଲାଟିଏ । ସ୍କୁଲ ଗେଟ୍ ପାଖରେ ନିର୍ଣ୍ଣିମେଷ ନୟନରେ ଖୋଜିଥିଲା ତାର ବାପା ଅନୀକେତଙ୍କୁ । କେତେବେଳୁ ସ୍କୁଲର ଛୁଟି ବେଲ୍ ବାଜି ସାରିଲାଣି । ସବୁ ପିଲାମାନେ ପ୍ରାୟ ଯିଏ ଯାହା ସାଙ୍ଗରେ ଚାଲିଗଲେଣି କିନ୍ତୁ ଏକାକୀ ଠିଆ ହୋଇ ରହିଛି ପିଲାଟି । କେତେବେଳେ ବାପା ଆସିବେ ? ନାଲିରଙ୍ଗର ଗାଡ଼ିଟିକୁ ସ୍କୁଲ୍ ଗେଟ୍ ପାଖରେ କଡ଼କୁ ରଖି ଯେତେବେଳେ ଅନୀକେତ ଏକ ଗାଡିରୁ ଓହ୍ଲେଇଲେ, ଏତେ ଡେରୀରେ ବାପାଙ୍କୁ ଦେଖି ବାପାଙ୍କ ଉପରକୁ ଖୁସିରେ ଚଢ଼ିଗଲା ପିଲାଟି । ତୁମେ କାହିଁକି ଏତେ ଡେରିକଲ ଯେ! ସ୍କୁଲ୍ କେତେବେଳୁ ଛୁଟି ହୋଇସାରିଲାଣି । ଦେଖୁନ ମୁଁ ଏ ଖରାରେ କେତେବେଳୁ ଠିଆ ହୋଇରହିଛି ଖାସ୍ ତୁମକୁ ଅପେକ୍ଷା କରି । ଏତେଗୁଡିଏ କଥାରେ ନିଜକୁ ଦୋଷୀ ମଣିଲେ ଅନୀକେତ । କୋଳକୁ ଟେକିନେଲେ ପୁଅକୁ । ମୁହଁରେ କେତେ ଯେ ଚୁମ୍ବନର ରେଖା ଟାଣିଦେଲେ ଓ କାନଧରି କହିଲେ ବାପା ଆଉ ଏମିତି ଭୁଲ୍ ହେବନି । ଆଜିପରା ବହୁତ ଭିଡ଼ଥିଲା ସେଥିପାଇଁ ମୋର ଡେରି ହୋଇଗଲା । ଏଥର କିନ୍ତୁ ଆଉ ଏମିତି ଭୁଲ୍ ହେବନି । ଦୂରରୁ ସ୍କୁଲ୍ କାନ୍ଥରେ ଆଉଜି ବସିରହି ଅନୀକେତ ବାବୁଙ୍କର ଏ ଦୃଶ୍ୟ ଦେଖୁଥିଲେ ରାଜକିଶୋର ବାବୁ । ଚୁମ୍ବନଗୁଡ଼ାକ ସତେଯେମିତି ତାଙ୍କୁ ପରିହାସ କରି କହୁଥିଲା, ଏ ସ୍ନେହ ଶ୍ରଦ୍ଧା କେବଳ କିଛିସମୟ ପାଇଁ ଯାହା ଭିତରେ ମଣିଷ ନିଜର ଭଲପାଇବାର ଅଙ୍କକୁ କେବଳ କଷି ଚାଲିଥାଏ । ଦିନକେତେଟା ବିତିଗଲେ ପୁଣି ସେଦିନର ସେ ଅଙ୍କର ଧାରାଗୁଡ଼ିକୁ ଭୁଲିପକାଏ ।

ଚପଳମତି ଶିଶୁଟିକୁ ମଣିଷ କରିବାରେ କେତେ ଯେ କଷ୍ଟ କରିବାକୁ ପଡ଼େ ପିତାମାତାଙ୍କୁ । ନିଜ ଖାଇବାରୁ ଖାଇବା ସାଇତି ରଖେ ମା', ନିଜ ପିନ୍ଧିବାରୁ ପଇସାକାଟି ଭଲପିନ୍ଧାଏ, ନିଜର ସୁଖକୁ ଜଳାଞ୍ଜଳି ଦେଇ ଅହର୍ନିଶି ପିଲାମାନଙ୍କର ଭବିଷ୍ୟତକୁ କଳ୍ପନାର ଆଖି ଦୁଇଟିରେ ଦେଖିବସନ୍ତି ପିତାମାତା । ସପ୍ନରେ ବିଭୋର ହୋଇଯାନ୍ତି ପିଲାମାନଙ୍କୁ ଖୁସିରେ ରଖିବାପାଇଁ । ପରିଶେଷରେ ସପ୍ନଗୁଡାକ ଭାଙ୍ଗିଯାନ୍ତି । ତା'ର ଭଲପାଇବା ଗୁଡ଼ିକ ସେମିତି ଦରଦୀ ସ୍ମୃତିହୋଇ ରହିଯାନ୍ତି ତାଙ୍କ ହୃଦୟ ରୂପକ ଦର୍ପଣରେ । ଅତୀତର ସ୍ମୃତିଗୁଡିକ ସାଉଁଟି ହୋଇ ରହିଯାନ୍ତି ହୃଦୟ ଦଲିଲ୍‌ରେ । ନିଜର ହଜିଲାଦିନକୁ ସାଉଁଟୁଛନ୍ତି ରାଜକିଶୋର ବାବୁ ।

ସେଦିନ ଥିଲା ସେପ୍ଟେମ୍ବର ପା ୫ ତାରିଖ ସଅଳ ସଅଳ ନିତ୍ୟକର୍ମ ସାରି ଘରୁ ବାହାରିଗଲେ ରାଜକିଶୋର ବାବୁ । ଆଜିପରା ଗୁରୁଦିବସ । ବିଦ୍ୟାଳୟର ଗୁରୁପୂଜା ହେବ । ପିଲାମାନେ କେତେ କ'ଣ ଗୁରୁମାନଙ୍କ ଉପରେ ଭାଷଣ ଦେବେ । ଫୁଲମାଳପିନ୍ଧାଇ ଦେବେ । ଆଜି ତାଙ୍କ ଗୋଡ ତଳେ ଲାଗୁନି । ବାଟରେ ସାଇକେଲରେ ଯିବାବେଳେ ହଠାତ୍ ସେଦିନ କେମିତି ଅନ୍ୟମନସ୍କ ହୋଇ ପଡିଲେ ସେ । ଆଗରୁ ଜୋର୍ କରି ମାଡିଆସୁଥିବା ଟ୍ରକ୍‌କୁ ଦେଖି ନିଜର ଭାରସାମ୍ୟ ହରାଇ ଗଡିପଡିଲେ ସେ ସାଇକେଲରୁ ତଳକୁ । ନିର୍ଦ୍ଦୟ ଟ୍ରକ୍‌ଟା ମାଡିଗଲା ତାଙ୍କ ଉପରେ । ନିଜକୁ କିଛିସମୟ ପରେ ଆବିଷ୍କାର କଲେ ସେ ଡାକ୍ତରଖାନାରେ । ବିଧିର ବିଧାନ ଯାହା ତାହାହିଁ ଘଟିଯାଏ । ମଣିଷ ଯାହାଭାବେ ଭଗବାନ ତାହା ଚାହାଁନ୍ତିନି ଓ ଭଗବାନ ଯାହା ଚାହାଁନ୍ତି ମଣିଷ କିନ୍ତୁ ତାହା ମାନିବାକୁ ନାରାଜ । ସେଥିପାଇଁ ପ୍ରତିଟି ସମୟ ଗୁଡାକ ବି କେମିତି ଆଶାତୀତ ଭାବେ ଓଲଟ ପାଲଟ ହୋଇଥାଏ । ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଏକାକାର ହୋଇ ଭଗବାନଙ୍କୁ ଡାକୁଥାନ୍ତି ବାପାଙ୍କର ଆରୋଗ୍ୟ କାମନା କରି । ଦୀର୍ଘ ଦିନର ପ୍ରଚେଷ୍ଟା ପରେ ସେଦିନ ଡାକ୍ତର ବାବୁ ଘୋଷଣା କରିଥିଲେ ଯଦିଓ ଦୁର୍ଘଟଣା ପରେ ତାଙ୍କର ଅନ୍ୟାନ୍ୟ ସମସ୍ୟା ସୁଧୁରିଗଲାଣି କିନ୍ତୁ ଡାହାଣ ଗୋଡଟି ପୁରାପୁରି ଅକାମୀ ହୋଇଯାଇଛି । ସେଥିପାଇଁ ସେ ଗୋଡଟିକୁ କାଟିବାକୁ ପଡିବ । ଅପ୍ରିୟ ସତ୍ୟହେଲେ ମଧ୍ୟ ସେଦିନ ସତ୍ୟତାକୁ ମାନିନେଇଥିଲେ

ରାଜକିଶୋର ବାବୁ । ମୋର ଗୋଟିଏ ଗୋଡ କଟିଗଲେ କ'ଣ ହେଲା ମୋ ପାଖରେ ପରା ମୋର ଦୁଇଟି ପୁଅ ଅମ୍ଳାନ ଓ ଅଶ୍ଳେଷ ଅଛନ୍ତି । ତାଙ୍କ ଗୋଡ଼ରେ ମୁଁ ଠିଆ ହେବି । ତେଣୁ ଭାଙ୍ଗିଯାଇଥିବା ମନକୁ ଯୋଡି ଦେଇ ପୁଣି ବଞ୍ଚିବାର ରାହା ଖୋଜିଥିଲେ ସେ । ଏ ଡାଳ ଭାଙ୍ଗିଲେ ସେ ଡାଳକୁ ଧରି ବଞ୍ଚିବାକୁ ତ ଜୀବନ କୁହନ୍ତି । କାହିଁକି ନା ମଣିଷ ଭାରି ଭଲପାଏ ତା ଜୀବନକୁ । ବଞ୍ଚିବା ପାଇଁ ସେ ଯେ କେଉଁ ବାଟବି ଆଦରି ନିଏ ବିନା ଦ୍ୱିଧାରେ ।

ଦିନ କେତେଟା ପୁଅବୋହୂ ନାତି ନାତୁଣୀଙ୍କ ମେଳରେ ହସ ଖୁସିରେ ରହି ନିଜର କଟାଯାଇଥିବା ଗୋଡ଼ଟିକୁ ଭୁଲିଗଲେ ସେ । ଅହର୍ନିଶ ସେବାଯତ୍ନ ଭିତରେ ଭୁଲିଯିବାକୁ ଲାଗିଲେ ଯେ ତାଙ୍କର ଗୋଟେ ଗୋଡକୁ ହରେଇଛନ୍ତି । ମଣିଷ ଯେତେବେଳେ ସୁଖ ଭିତରେ ଥାଏ ପୁରୁଣା ଦୁଃଖଗୁଡିକ ତାକୁ ଝାପ୍‌ସା ହୋଇ ଦେଖାଯାଏ । ସେଗୁଡାକୁ ଭୁଲି ଯିବାକୁ ତା'କୁ ବହୁତ କମ୍ ସମୟ ଲାଗେ ।

ସମୟଗୁଡାକ ବାସ୍ତବ ହୋଇ ଅତିକ୍ରାନ୍ତ ହୋଇଯାନ୍ତି ମଣିଷ ମୁଣ୍ଡ ଉପରେ । ସମୟ ବଦଳେ ତା ସହିତ ଅମାନିଆ ମନଗୁଡାକ ବି କେମିତି ବଦଳିଯାନ୍ତି । ଭଲପାଇବାଗୁଡିକ କ୍ରୁରତା ହୋଇଯାନ୍ତି ଯଦି ସମ୍ପର୍କର ସୂତାଖିଅଟେ ଛିଣ୍ଡିପଡେ । ସେଦିନ ହଠାତ୍ ବିଛଣାରେ ଶୋଇଥିବା ବେଳେ ପାଖଘରୁ ଦୁଇପୁଅ କଥା ହେବାର ଶୁଣିଲେ ରାଜକିଶୋର ବାବୁ । ଆଉ କେତେଦିନ ଏ ବୁଢ଼ା ଆମ ବେକରେ ବନ୍ଧାହୋଇଥିବ । କରିବାର ଗୋଟେ ସୀମା ଅଛି ମୁଁ ଆଉ ଏତେ ସେବା ଯତ୍ନ କରିପାରିବିନି । ମୋର ବି ବୟସ ହେଲାଣି । ତା ସାଙ୍ଗକୁ ପିଲାଛୁଆଙ୍କ ପାଠପଢ଼ା, ଘରର ଦାୟିତ୍ୱ, ଚାକିରୀକାମ ଏସବୁ ମୁଁ ଆଉ ଏକାକୀ କରିପାରିବିନି । ଏମିତି ଏକା ନିଃଶ୍ୱାସରେ କେତେ କ'ଣ କହିଗଲେ ଅମ୍ଳାନ । ଅଶ୍ଳେଷ ବି ନିଜର ମନକଥା ଗୁଡାକ କହିପକାଇଲେ ଭାଇ ପାଖରେ ଓ ପରିଶେଷରେ ସ୍ଥିର ନିଶ୍ଚିନ୍ତ କଲେ ଯେ ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେବେ । ସେଠି ସେ ଭଲରେ ରହିବେ । ଆମର ଆଉ କିଛି ଦାୟିତ୍ୱ ନଥିବ । ଆମ୍ଭେ ପ୍ରତିମାସରେ ଯାଇ ତାଙ୍କ ଭଲମନ୍ଦ ବୁଝି ଆସିବା । ଏହି ପଦିକ କଥା ଶୁଣି ନିସ୍ତବ୍ଧ ହୋଇପଡିଲେ ରାଜକିଶୋଣ ବାବୁ । ପାଦତଳୁ ମାଟି ପୁଳାଏ ଖସିଗଲା ପରି ଲାଗିଲା । ଆକାଶ ଟା ଛିଣ୍ଡି ପଡିଲା ପରି ଲାଗିଲା ମୁଣ୍ଡ ଉପରେ । ଏ କ'ଣ ଶୁଣୁଛନ୍ତି ସେ ? ଏଇ କ'ଣ ମୋର ଭଲ ପାଇବାର ପୁରସ୍କାର ? ରାତି ରାତି ଆମେ ବାପାମାଆ କେତେ ଯେ ନ ଶୋଇ ଅନିଦ୍ରା ହୋଇଛୁ ତାଙ୍କୁ ମଣିଷ କରିବାକୁ । କେତେଥର ଭୋକ ଉପାସରେ ରହିଛୁ । ତାଙ୍କ ପାଇଁ ଘର ତୋଳିବା ପାଇଁ କେତେ ଲହୁଲୁହାଣ ନ ହୋଇଛୁ । ଆଗେ ଆମ ପିଲା ଭଲରେ ରହିବେ ସେତିକି ଆମର ଖୁସି । ନିଜର ରକ୍ତକୁ ଏକାକାର କରି ଯେଉଁ ଘରଟିଏ ତିଆରି କରିଛୁ ସେଇଠି ବି ରହିବାର ଅଧିକାର ନାହିଁ ମୋର, ଧିକ୍ ଏପରି ପିତୃତ୍ୱକୁ । ଏଇଟା ତ ଘରନୁହେଁ ଏଠି ମୋତେ ଯମ ଯନ୍ତ୍ରଣା ଭୋଗିଲାପରି ଲାଗୁଛି । ଶୁଣିଥିଲି ଏଇଠି ସ୍ୱର୍ଗ ଏଇଠି ନରକ । ଆଜି ତାଙ୍କୁ ଅନୁଭବ ମଧ କରୁଛି । ସେଦିନ ରାତିରେ ଆଉ ନିଦ ଆସିନି ଆଖିକୁ ।

ସକାଳର ସୂର୍ଯ୍ୟଟା ସେଦିନ କେମିତି ନୂଆ ନୂଆ ଲାଗୁଥିଲା । ସକାଳୁ ସମସ୍ତେ ଉଠି ନିଜ ନିଜ ନିତ୍ୟକର୍ମରେ ବ୍ୟସ୍ତ । ସବୁକିଛି ସ୍ୱାଭାବିକ୍ ଥିଲା କିନ୍ତୁ ବ୍ୟତିକ୍ରମ ଲାଗୁଥିଲା ଘରେ ସମସ୍ତଙ୍କୁ । ଆଜି କ'ଣ ବାପା ଏତେବେଳେ ଯାଏ ଉଠି ନାହାଁନ୍ତି ? ସେ ତ ସଅଳ ଉଠନ୍ତି । ଅନେକ ସମୟ ଅତିକ୍ରାନ୍ତ ହେଲାପରେ ଅମ୍ଳାନ ବାପାଙ୍କ ଘର ଭିତରକୁ ଗଲେ । ବାପାଙ୍କର ଉଠିବାର ବିଳମ୍ବତାକୁ ଜାଣିବା ପାଇଁ । କିନ୍ତୁ ହାୟ ବାପାଙ୍କ ବଦଳରେ ଆବିଷ୍କାର କଲେ ବାପାଙ୍କର ହାତଲେଖା ଚିଠିଟିକୁ । ଯେଉଁଥିରେ ଲେଖା ଥିଲା....

ଗଛଟିଏ ଛୋଟ ଥିଲାବେଳେ ତା'ର ମନରେ କେତେ ଭାବନା ଥାଏ, ମୋ ଦେହରେ କିଶଳୟ ହେବ, ନବପଲ୍ଲବିତ ଡାଳରେ ବୃନ୍ତଟି ନବପୁଷ୍ପିତ ହେବ । ବୃକ୍ଷସାରା ଫଳରେ ସମ୍ଭାରରେ ମୋ ଦେହ ଭରପୂର ହୋଇଯିବ । ସବୁ ସ୍ୱପ୍ନ ତ ଦିନେ ସାକାର ହୋଇଯାଏ, ଛୋଟ ଚାରାଗଛରୁ କଅଁଳିଆ ପତ୍ର ହୁଏ, ବୃନ୍ତରେ ଫୁଲ ଫୁଟେ, ଫଳ ସମ୍ଭାର ହୁଏ, ଫଳ ହେବା ପର୍ଯ୍ୟନ୍ତ ମଣିଷ ତାକୁ ଆଦର ଯତ୍ନ କରିଥାଏ କିନ୍ତୁ ଫଳ ହେଲାପରେ ତା'କୁ ମିଳେ କେବଳ ଫୋପଡ ଓ ପଥର ମାଡ । ଯେଉଁ ମାଡ ତା ମନରେ ଅସହ୍ୟ ଯନ୍ତ୍ରଣା ଭରିଦିଏ । ପରିଶେଷଣ ସେ ଲେଖିଥିଲେ ମୁଁ ଖାଲି ଫଳ ବିହୀନ ଗଛଟିଏ ହୋଇଥାନ୍ତି କି ?

॥ ଇତି ॥

ଶେଷକଥା ଏକ ବୁଢ଼ା ବରଗଛର'

ପିଲିଗ୍ରିମ୍ ରୋଡ଼, କଲେଜ ଛକ, କଟକ
ମୋ - ୯୪୩୭୫୩୬୬୩୧




ଗ୍ରାଫିକ୍ସ ଡିଜାଇନିଂ, ଡିଜିଟାଲ୍ କଲର୍ ଓ କଳାଧଳା ଜେରକ୍ସ, ଆଇଡେଣ୍ଟିଟି କାର୍ଡ୍,
ଫ୍ଲେକ୍ସ ଏବଂ ଭିନାଇଲ୍ ପ୍ରିଣ୍ଟିଂ, ଭିଜିଟିଙ୍ଗ୍ କାର୍ଡ୍, ବାର୍ଥଡେ କାର୍ଡ୍, ଷ୍ଟିକରିଂ,
ଡିଟିପି, ସ୍କାନିଂ, ଲେଆଉଟ୍, ଅଫସେଟ୍ ଓ ସ୍କ୍ରିନ୍ ପ୍ରିଣ୍ଟିଂ

ତେଲେଙ୍ଗା ବଜାର, ରଘୁନାଥଜୀଉ ମନ୍ଦିର ନିକଟ, କଟକ - ୯



**R. S. TUTORIALS**

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123



**EMERALD**
**EDUCATION**



+2 Science
+3 Science
(Hons & Pass)

**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

# ସମ୍ବର୍ଦ୍ଧନା

**ବନଲତା ସିଂହ**

ଦିନେ ସକାଳୁ ସକାଳୁ ଦାଣ୍ଡପିଣ୍ଡାରେ ବସି ଗଜନି ଦାନ୍ତ କାଠିରେ ଦାନ୍ତ ଘଷୁଥିଲା । ଦେଖିଲା ତା'ସାଙ୍ଗ ଭଜନି ବସ୍‌ଷ୍ଟାଣ୍ଡ୍ ଆଡୁ ଆସୁଛି । ଗଜନି ପଚାରିଲା.. ଆରେ ଭଜନି ଏତେ ସକାଳୁ ପାଇଜାମା ପିନ୍ଧି ଝୁଲାମୁଣି କାନ୍ଧରେ ପକାଇ କ'ଣ ଇଆଡୁ ଆସୁଛୁ ? କ'ଣ ବସ୍‌ରୁ ଓହ୍ଲାଇଲୁ ନାଁ କ'ଣ ? ଭଜନି କହିଲା.... ହଁ ରେ ଗଜନି.... ଚିଟାକୁଟି ଗ୍ରାମରେ ମା' ଚିଟାକୁଟି ସାହିତ୍ୟ ସଂସଦରେ କବି ସମ୍ମିଳନୀ ଥିଲା । ମୁଁ ସେଠାକୁ ଯାଇଥିଲି । ଗଜନି ପଚାରିଲା କବିତା ପଢ଼ିଲୁ ?.... ହଁ .. କହିଲା ଭଜନି । ଆଛା... ତୋତେ ସମ୍ବର୍ଦ୍ଧନା କଲେ । ....ହଁ ରେ ଗଜନି... ଦେଖୁନୁ, ଉତ୍ତରୀୟ ଫୁଲ ମୁକୁଟ । ଫୁଲମାଳ ଓ ମାନପତ୍ର । ମୁଁ କବି... ରାଜ ଉପାଧିରେ ସମ୍ବର୍ଦ୍ଧିତ ହେଲି । ଗଜନି ପଚାରିଲା କେତେ ଟଙ୍କା ଦେଇଥିଲୁ ? କ'ଣ ଖାଇଲୁ ?

ଭଜନି ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲା ବାରଶହ ଟଙ୍କା ଦେଇଥିଲି । ଦେଖ... ତୁ ସାଙ୍ଗ ବୋଲି ତୋତେ କହିଦେଲି । ତୁ କାହାକୁ କହିବୁନି । ଏହା ସମ୍ପୂର୍ଣ୍ଣ ଗୁପ୍ତ । ଆଉ ଖାଇବାଟା ବଢ଼ିଆ ହୋଇଥିଲା । ଚୁନା ମାଛ, ଆଳୁ, ସୋରିଷ, ଓଉ ପଡି ଝୋଳ ହୋଇଥିଲା ମୁଗ ଡାଲି ପାଣି । ଉଷୁନା ଭାତ, ବଢ଼ିଆ ହୋଇଥିଲା, ସକାଳୁ ମୁଢ଼ି ନାଲି ଚା ଆହୁରି ବଢ଼ିଆ । ଗଜନି କହିଲା... ହଉ ତୁ ଆଉ ଏତେ ଟେକନା । ସେଇଟା ତ ଚୋର । ମୁଁ ତାକୁ ଜାଣିଛି... ହଉ କହିଲୁ ତୁ ରାତିରେ କାହିଁକି ରହିଲୁ ? ଭଜନି କହିଲା .... ଆରେ.... ଚିଟାକୁଟି ଗ୍ରାମକୁ ଖଣ୍ଡିଏ ବସ୍ । ସମୟ ଦେଖି ନ ଆସିଲେ ବସ୍ ଚାଲିଯିବ । ମୋର ସେଇ ଦଶା ହେଲା ।...ଆଛା.... କେଉଁଠି ଶୋଇଲୁ ? ଭଜନି କହିଲା.. କାହିଁକି..... ଉପରେ ଛାମୁଡିଆ । ତଳେ ପାଲ, ମୁଁ ସେଇଠି ଶୋଇଲି ।.... ତୋ ସାଙ୍ଗରେ ଆଉ କିଏ ଥିଲେ ?

ଭଜନି କହିଲା – ତୁ ସକାଳୁ ସକାଳୁ ଜିରାରୁ ଶିରା କାହିଁକି ଛଡ଼ାଉଛୁ ?.... ଆରେ ମଣିଷ ନ ଥିଲେ କ'ଣ ହେଲା । ମଶା, ମାଛି, କୁକୁର, ବିଲୁଆ ଏମାନେ ମୋତେ ଭଲ ସମ୍ମାନ ଜଣାଇ ଜଗି ବସିଥିଲେ । କାଳେ ମୋର କ'ଣ ହୋଇଯିବ, ମଶାମାନେ ଗୁଣୁ ଗୁଣୁ କରି ଗୀତ ଗାଇ ମୋତେ ଚୁମା ଦେଉଥିଲେ । ଆଉ କୁକୁର ଆସି ମୋ କୋଳରେ ଗୁଞ୍ଜି ହୋଇ ଶୋଇ ଘୁଙ୍ଗୁଡ଼ି ମାରୁଥିଲେ । ଯାହା ହେଉ ବସ୍‌ର ହର୍ଣ୍ଣରେ ମୋ ନିଦ ଭାଙ୍ଗିଗଲା । ମୁଁ ବସ୍‌ରେ ବସି ଚାଲିଆସିଲି ।

ଗଜନି କହିଲା.... ବୁଝିଲୁ.... ଭଜନି.. ଝିଟିପିଟି କହେ ସାହିତ୍ୟ ସଂସଦରୁ ମୋତେ ଡାକରା ଆସିଛି, ଚାଲେ ଦେଖିବୁ । ସେଠାରେ କି ସୁନ୍ଦର ବ୍ୟବସ୍ଥା ହୋଇଛି.... ହିଁ ଯେ – ସେ କେତେ ଟଙ୍କା ନେବେ ? କି ଉପାଧି ଦେବେ ? ଭଜନି ଆଗ୍ରହରେ ପଚାରିଲା । ଗଜନି କହିଲା – କବି ମୁକୁଟ ପାଇଁ ସାଢ଼େ ତେରଶ । ଆଉ କବି କଢ଼ ପାଇଁ ସାଢ଼େ ପନ୍ଦରଶ ମାଗିଛନ୍ତି । ମୁଁ ଭାବୁଛି... ଏସନ ଆଳୁଦର ବଢ଼ାଅଛି, କିଛି ବିକ୍ରୀ କରି ସେ କବି ମୁକୁଟ ପାଇଁ ଟଙ୍କା ଦେଇଦେବି । ତୁ ମୋ ସହିତ ଚାଲେ । ତୁ ସିନା ଲୁଚି କରି ଚାଲିଗଲୁ । ମୁଁ ତୋତେ ଡାକୁଛି ଚାଲେ । ଭଜନି କହିଲା ନାହିଁରେ, ମୁଁ ସଜନା ଛୁଇଁ, ଅମୃତ ଭଣ୍ଡା ବିକ୍ରି କରି ଟଙ୍କା ଦେଇଥିଲି । ଆଉ କ'ଣ ଅଛି ବିକ୍ରି କରିବି ? ତୁ.... ଯା .... ମୁଁ ଆଉ ଥରକୁ ଯିବି । କହି ଭଜନି ତା ଘରକୁ ଚାଲିଗଲା ।

ପନ୍ଦରଦିନ ପରେ ସାଇକେଲ୍‌ରେ ଭଜନି ପରିବା ଧରି ସକାଳୁ ଆସୁଥିଲା । ଦେଖିଲା ଗଜନି ମସିଆ ଧୋତି ସାଙ୍ଗକୁ ହାପ୍‌ହାୱାଇନ୍ ସାର୍ଟ ପିନ୍ଧି ଖାଲି ପାଦରେ ଫେରୁଛି, ଭଜନି ସାଇକେଲରୁ ଓହ୍ଲାଇ ପଚାରିଲା... ଆରେ ଗଜନି ଏତେ ସକାଳୁ କ'ଣ ଆସୁଛୁ ? କୁଆଡ଼େ ଯାଇଥିଲୁ ? ଗଜନି କହିଲା ଆରେ.... ତୁ କ'ଣ ଭୁଲିଗଲୁ ? ଝିଟିପିଟି କହେ.... ସାହିତ୍ୟ ସଂସଦର ନିମନ୍ତ୍ରଣ ଥିଲା । କବି ସମ୍ମିଳନୀ ପାଇଁ ତୋତେ ଡାକିଲି, ତୁ ଗଲୁନି । ମୁଁ ସେଇଠାରୁ ଫେରୁଛି, ଭଜନି ପଚାରିଲା... କେମିତି ଗଲୁ ? ଯିବାଆସିବା ସବୁ ସୁବିଧାତ ? ହଁ ରେ ଭଜନି.... । ଏଠାରୁ

ମାଟାଡୋରରେ ଯିବ । ବୋଦାମୁଣ୍ଡେଇ ଛକରେ ଓହ୍ଲାଇ ଗୋଟିଏ ସରୁ ରାସ୍ତା ପଡ଼ିଛି । ସେଇ ରାସ୍ତା ଯେଉଁଠି ସରିଛି ସେଇଠି ଭୁତମୁଣ୍ଡେଇ ଛକ । ସେଇଠି ନାକ ସିଧା ଗହିର ଭିତରେ ଗଲେ ପଚ୍ଚାମୁଣ୍ଡାଇ ଛକ ପଡ଼ିବ । ସେହିଠାରୁ ଡାକେ ବାଟରେ କିଳିକିଳା ଗାଁ । ସେଇଠି କବି ସମ୍ମିଳନୀ ହେଉଥିଲା । କବିତାର ବିଷୟ ଥିଲା.... ଯଉତୁକ ନିବାରଣ । ମୁଁ ଯେଉଁ ଗହୀର ଭିତରେ ଗଲି ତା' ନାଁ ଜାଣିଛୁ ? ତା ନାଁ ଘଇତା ମାରିପାଟ । ମୁଁ ସେବାଟେ ଗଲା ବେଳକୁ ମୋତେ ଭାରି ଡର ଲାଗୁଥିଲା । ଭଜନି ପଚାରିଲା... ଆରେ ଡର କ'ଣ ପାଇଁ ଲାଗୁଥିଲା । ଗଜନି କହିଲା, ତୁ କ'ଣ ଜାଣିନୁ ? ଯଉତୁକ ପାଇଁ ତୋ ଭାଉଜକୁ ମାରି ଘରୁ ତଡ଼ି ଦେଇଥିଲି । ତା ଘର... ମାନେ ମୋ ଶ୍ୱଶୁର ଘର ସେ ଭୁତମୁଣ୍ଡେଇ ଗହୀର ଭିତରେ । କାଳେ ତାଙ୍କ ଲୋକ ଥିବେ ମୋତେ ଭୁତ ଭଳିଆ ମାଡ଼ି ବସିବେ । ସେଇଥି ପାଇଁ ଡରୁଥିଲି ।

ଭଜନି କହିଲା.... ହଉ ଟିକେ କହ କ'ଣ ସବୁ ଖାଇଲୁ ? ଗଜନି କହିଲା - ତୁ ଯାହା କହ ଖାଇବାଟା ବହୁତ ବଢ଼ିଆ ହୋଇଥିଲା ।

ସେଠାରେ ପହଞ୍ଚିଲା ପରେ ଫୁଲ, ଚନ୍ଦନ ଦେଇ ପାଛୋଟି ନେଲେ । ସେଠାରେ ନାଲି ପାଣି । ନାଲିଚା ଆଉ ନାଲିଆ ମୁଢ଼ି । ଯିଏ ଯାହା ଖାଇପାରିବ । ଆଉ ଦି'ପହର ଖାଇବା ଆଉରି ଚମତ୍କାର । ନାଲି ବଗଡ଼ା ଭାତ । ନାଲି କଙ୍କଡ଼ା ସାରୁ ପଡ଼ି ଝୋଳ । ଆଉ ସେଠାକାର ବିଶିଷ୍ଟ ଚଟ୍ଣି ଓଲୁଅ ଚଟ୍ଣି । କାହିଁକି କହୁଛୁ ଭଜନି । ତୁ ଯା ନ ଗଲୁ । ଆଚ୍ଛା ଗଜନି ତୁ ଯେଉଁଠି କବିତା ପଢୁଥିଲୁ, ସେ ମଞ୍ଚରେ ଜଜ୍ କିଏ ଥିଲା ? ଆରେ ଭଜନି ତୁ ଜାଣିଛୁ, ଯେଉଁ ଭାଉଜକୁ ତୋର ତଡ଼ି ଦେଇଥିଲି, ସେ ଆଉ ତା'ର ଭାଇ ଜଜ୍ ହୋଇଥିଲେ । ମୁଁ କ'ଣ ମୁହଁ ଦେଖାଇଛି କି, ମୁଣ୍ଡରେ ଠେକା ବାନ୍ଧି ମୁହଁକୁ ଲୁଚାଇ କବିତା ପଢ଼ିଲି । ସେଠାରେ ଯେଉଁ କବି ସମ୍ମିଳନୀ ହେଉଥିଲା ସେଠି ତିନିଭାଗ ମହିଳା ଥିଲେ । ସେ ପୁଣି ସମସ୍ତେ ଛାଡ଼ପତ୍ର ଦିଆ ସ୍ତ୍ରୀ ଲୋକ । ମୁଁ ଯଦି ଆଗରୁ ଜାଣିଥାଆନ୍ତି ଆଉ ଜମା ଯାଇ ନଥାନ୍ତି ।

ଭଜନି ପଚାରିଲା....ଆଚ୍ଛା... ତା'ପରେ କ'ଣ ହେଲା କହ, ହଁ.... କହୁଛି ଶୁଣ... । ଦିନ ଦି'ପହରେ ଖାଇବାକୁ ଗଲି । ଭାତ, କଙ୍କଡ଼ା ଝୋଳ, ଓଲୁଅ ଚଟଣି ବେଶ୍ ରୁଚିପ୍ରଦ ହୋଇଥିଲା । ହେଲେ ମୁଁ ଦୁଇଚାରି ଗୁଣ୍ଡା ଖାଇଛି କି ନାହିଁ, ମୋ ହାତ ଝୋଳ ଭିତରେ ଗୋଟିଏ ନରମ ଜିନିଷ ଉପରେ ପଡ଼ିଗଲା । ମୁଁ ଦେଖିଲା ବେଳକୁ ଏକ ଲମ୍ବା ଝିଟିପିଟି । ମୁଁ ଭାବିଲି ଏହି ଝିଟିପିଟି ନାଁରେ ବୋଧୁହୁଏ ସାହିତ୍ୟ ସଂସଦର ନାଁ ଏହିପରି ଦିଆଯାଇଛି, ଝିଟିପିଟି କହେ । ତା'ପରେ ମୋ ଆଖି ଯେଉଁଠି ପଡ଼ିଲା, ତାକୁ ଦେଖି ଛାନିଆରେ ମୋତେ ଦୁଇ ଲାଗିଲା ।.... ଆରେ.... କ'ଣ ଦେଖିଲୁ ? ଶୀଘ୍ର କହ । ହଁ କହୁଛି ଶୁଣ୍, ମୁଁ ଦେଖିଲି ହିଡ଼ିମ୍ବା ଆଉ ହିଡ଼ିମ୍ବା ପରି ମୋତେ ଦୁଇଜଣ ବଡ଼ ବଡ଼ ଆଖିରେ ଚାହିଁ ରହିଛନ୍ତି । ମଝିରେ ମଝିରେ ଦାନ୍ତ ମଧ ରଗଡୁ ଥାଆନ୍ତି ।

ମୁଁ ଆଲୋ ବୋପାଲୋ କହି ଉଠି ଆସିଲା ବେଳକୁ ମୋତେ ଦଶପନ୍ଦର ଲୋକ ମାଡ଼ି ବସିଲେ । ତା'ପରେ ଲୋକମାନେ ଗଦା ହୋଇ ସମାଧାନ କଲେ । ଆଉ ମୁଁ ଛାନିଆରେ ତୋ ଭାଉଜକୁ ଆଣିବା ପାଇଁ ରାଜି ହୋଇଗଲି । ମୁଁ ଆଗରେ ଆସିଲି... ସେ ପଛରେ ତା ଭାଇ ଓ ଗାଁ ଲୋକଙ୍କୁ ଧରି ପଛରେ ଆସୁଛି । ମୋ ପଛରେ ପ୍ରତିଧ୍ୱନି ହେଉଥିଲା... ଶଳା... ନିଜେ ଯଉତୁକ ନିଶାରେ ମାଇପ ଛାଡ଼ିଛି - ଏଠି ଆସି ଯଉତୁକ ନିବାରଣ କବିତା ପଢୁଛି ।... ହଁ ରେ ଭଜନି... ମୁଁ ବଞ୍ଚିଗଲି । ନ ହେଲେ ମୋର ପୈତୃକ ପ୍ରାଣଟା ଆଜି ଭୁତମୁଣ୍ଡେଇରେ ଭୁତ ହୋଇଯାଇ ଥାଆନ୍ତା ।

ଭଜନି କହୁଥିଲା.... ଶଳା.... ଚୋରଟା.... ।

ଗଣ୍ଡରପୁର, କଟକ-୩

୦୦୦୦

# ଅଛିଣ୍ଡା ଡୋରି

ଗଜେନ୍ଦ୍ର ବାଗ

ସଂସାରରେ ମଣିଷ ହେଉ ବା ପଶୁ ଜନ୍ମିଲାକ୍ଷଣି ମା'ର ସ୍ନେହ ଆଶାକରି ତା'ର ଶୈଷବତା କଟେଇଥାଏ । ସେ ଆପଣା ମାତାର ମୁଖମଣ୍ଡଳ ମନେକରି ନ ପାରିଲେ ହେଁ, ମାତୃତ୍ୱର ଗନ୍ଧକୁ ବେଶ୍ ମନେରଖିଥାଏ । ଯେହେତୁ ଅନ୍ଧ ଶିଶୁଟି ମଧ୍ୟ ତା'ମାର କୋଳେ ଥାଇ ମମତାର ସ୍ପର୍ଶ ଅନୁଭବ କରିପାରିଥାଏ ।

ଅଥଚ ବେଳେବେଳେ କେତେକଙ୍କ ଭାଗ୍ୟରେ ମାତୃତ୍ୱର ସ୍ନେହ ଜମାରୁ ମିଳେନା । ସତେ ସେମାନେ କେଉଁ ଜନ୍ମରେ ମାତୃତ୍ୱକୁ ନିନ୍ଦା କରିଛନ୍ତି ।

ସେହିଭଳି ଏକ ହତଭାଗା ଝିଅଟିଏ । ବୟସ ସାତ ଆଠ ବର୍ଷ ହେବ । ଗୁଲୁଗୁଲିଆ ମୁହଁ । ତା'ର କୁଞ୍ଚିତ କେଶରେ କାହିଁ କେତେଦିନରୁ ପାନିଆ ଲାଗିନି । ସମ୍ପୂର୍ଣ୍ଣ ଜଟ ପାଲଟିଛି । ଯେଉଁ ଫ୍ରକ୍‌ଟିଏ ପିନ୍ଧିଛି ତହିଁରେ କେତେଥର ଛୁଞ୍ଚିସୂତାରେ ଗଣ୍ଠିପଡ଼ିଲାଣି ତା'ର ହିସାବ ନାହିଁ । ପରିଚୟ ବୋଲି କିଛି ନାହିଁ । ସେ ଜନ୍ମ ହେଲା ଦିନଠୁ ଅନେକ ଦୁଃଖ ସହିଛି । ବୋଧେ ତା'ର କପାଳରେ ଦଇବ ଦୁଃଖ ହିଁ ଦେଇଛି ।

ଲୋକେ କହନ୍ତି ସେ ଯେଉଁଦିନ ଜନ୍ମ ହେଲା ସେହିଦିନ ତା'ର ମାଆ ମରିଗଲା । ଝିଅଟି ଜମାରୁ ତା' ମାଆର ମୁହଁ ଦେଖିନି କିମ୍ବା ତା'ସ୍ପର୍ଶ ଚାଖିନି । ଶୁଣିବାକୁ ମିଳେ ଯେ, ସେଇ ଝିଅଟିର ମାଆ ସର୍ବଗୁଣସମ୍ପନ୍ନା । ଏକ ଲକ୍ଷ୍ମୀପ୍ରତିମା ସଦୃଶ ଥିଲେ । ସେ ଶାଶୂଘର ଆସିଲା ଦିନଠୁ- ସମସ୍ତଙ୍କୁ ଆପଣାର କରିପାରିଥିଲେ । ସେଇଥିପାଇଁ ତ ଦଇବ ତାହାଙ୍କୁ ସହିଲାନି । ଝିଅଟି ଆପଣା ମାତା ଗୁଣରେ ଜନ୍ମିଛି । ତା' ମା' ଭଳି ସୁନ୍ଦର ମୁଖମଣ୍ଡଳ, ମଧୁର ବାଣୀ, ସେଇଥିପାଇଁ ତା'ର ଆଈ ମା' ତାକୁ ଚନ୍ଦ୍ରିକା ନାମ ଦେଇଛି । ଚନ୍ଦ୍ରିକା ତା'ର ଆଈ ମା'ର ଶୁଖିଲା ସ୍ତନ ଚୁଚୁମି ଜୀବନ ଧରିଛି । ବାପା ତା'ର ବଞ୍ଚିଛି ସତ; କେଉଁଦିନ ତାକୁ ଝିଅ ବୋଲି ଡାକିନି କିମ୍ବା ଚନ୍ଦ୍ରିକା ତାକୁ ବାପା ବୋଲି ଡାକିନି । ଚନ୍ଦ୍ରିକାର ମା' ଚ ଞ୍ଚ ଳା । ସେ ମରିଗଲା ପରେ ତା'ର ସ୍ୱାମୀ ନବଘନ ପୁଣି ଆଉ ଗୋଟିଏ ସ୍ତ୍ରୀ ବିବାହ କଲେ । ଯେହେତୁ ସେତେବେଳୁ ସମ୍ପୂର୍ଣ୍ଣ ଭାବରେ ଯୁବକ ଥିଲେ । ଏଣୁ ତା'ର ମାତାକୁ କହିବା ପୂର୍ବରୁ ସେହି ସ୍ତ୍ରୀର ମା' ଘରକୁ ଯାଇ ସେଇଠି ଆଡ୍ଡା ଜମେଇ ରହିଗଲେ । ସେ ତାଙ୍କ ଦ୍ୱିତୀୟ ପତ୍ନୀର କ୍ରୁର ସ୍ୱଭାବ ହେତୁ ତାଙ୍କ ଆପଣାର ଝିଅକୁ ଝିଅ ବୋଲି ଡାକିବାକୁ ଭୟ କଲେ ।

ବିଚାରୀ ଚନ୍ଦ୍ରିକା ଆଈ ମା'ର ପଣତ ତଳେ ବଞ୍ଚିଛି ସତ; ତାକୁ ତା'ର ଆଈ ମା' ମାଆବାପା ଉଭୟଙ୍କ ସ୍ନେହ ଦେଇଛି । ଘରବାଡ଼ିରେ ଖଟି ତାକୁ କ୍ଷୀରଠୁ ଆରମ୍ଭ କରି ଭାତ ପର୍ଯ୍ୟନ୍ତ ଖୁଆଇଛି । ସେ ଏବେ ଆଉ ପାରୁନାହିଁ । ତା'ର ଆଖିକୁ ଦିଶୁନି, ଚାଲିବାକୁ ବଳ ନାହିଁ । କହିବାକୁ ଗଲେ ସେ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ ।

ଏଣୁ ଚନ୍ଦ୍ରିକା ହାତରେ ଭିକ୍ଷା ଥାଳି ଧରେଇ ଖଟରେ ପଡ଼ିରହିଛି । ଆଉ ଚନ୍ଦ୍ରିକାର ଆସିବାର ବାଟକୁ ରାହା ଦେଖୁଛି । ଚନ୍ଦ୍ରିକା ଆସିଲେ ଘରେ ଚୁଲି ଜଳିବ ।

ଚନ୍ଦ୍ରିକା ପ୍ରତିଦିନ ଘର ଘର ବୁଲି ଭିକ୍ଷା ମାଗି ଆଣେ । ସେ କେତେ ଆତୁରରେ ଡାକେ, ମା' ଏ ମା'ମୁଠେ ମିଳୁ । କାଲିଠୁ କିଛି ଖାଇନି । ପେଟ ଜଳିଯାଉଛି, ତୋରାଣୀ ମନ୍ଦେ ଦିଅ । ସେତିକିରେ କ'ଣ ଦିନ ସରେ । କେବେ କେବ ହତାଶରେ ଫେରିଆସେ । କେବେ କେଉଁ ପୁଣ୍ୟମୟୀ ଡାକି କୁହେ କିରେ ଖାଇଛୁ ! ପଖାଳ ମୁଠିଏ ଦେବି ଖାଇବୁ । ଆଣ, ତୋ' ତାଟିଆ ଏପଟକୁ ଆଣ । ଖରାବେଳଟା, ସେ ଛାଇରେ ବସି ଖାଇ ଦେ । ଚନ୍ଦ୍ରିକା ସେତକ ଖାଇଦେଇ କହେ ଭଗବାନ ତୁମକୁ ଖୁସିରେ ରଖନ୍ତୁ । ତୁମ ଛୁଆ ପିଲେ ମୋ ଭଳି ନ ହୁଅନ୍ତୁ, ଖୁସିରେ ରହନ୍ତୁ । ଆଉ ତା' ବଦଳରେ ଶୁଣେ ହଉ ହଉ ହେଲା ତୋ' ଆଶୀର୍ବାଦ ସେତିକି ଥାଉ ।

କାଳେ ଯଦି ତାକୁ କିଏ ପଚାରି ଦିଏ କିରେ ତୋ' ବାପାବୋଉ ନାହାଁନ୍ତି କି ? ତୁ ଏତେ ଛୋଟବେଳୁ ଭିକ ମାଗୁଛୁ ଯେ । ସେତକ ଶୁଣି ଚନ୍ଦ୍ରିକା ଭାଙ୍ଗିପଡ଼େ । ଝରିପଡ଼େ ତା'ର ଦୁଇ ଆଖିରୁ ଲୁହଧାର । ସେ ସେହି ମୁହୂର୍ତ୍ତେ ଚାଲିଯାଏ କାହାକୁ କିଛି ନ ମାଗି ଭୋ ଭୋ ହୋଇ କାନ୍ଦେ । ସେ କେତେ ଚିନ୍ତାକରେ ସତରେ ମୋ' ବୋଉ ଥିଲେ କ'ଣ ମୁଁ ଭିକ ମାଗିବାକୁ ଆସନ୍ତି । ଆହୁରି କେତେ କଥା ମନେ ଭାବିଦେଲେ ଆପଣାର ଶରୀରକୁ ନଷ୍ଟ କରିଦେବାକୁ ଚାହେଁ ।

ଆଈମା' ତା'ର ହାବଭାବ ଦେଖି ପଚାରନ୍ତି, ଆଲୋ ଚନ୍ଦ୍ରିକା କଅଣ ହେଇଛି, ଏମିତି ମନ ମାରି ବସିଛୁ ଯେ । ଚନ୍ଦ୍ରିକା ରୁଦ୍ଧ କଣ୍ଠରେ କହେ, ମୁଁ ଆଉ ଭିକ ମାଗିବାକୁ ଯିବିନି । ସଭିଏଁ ମୋ' ବାପାର ନାଁ ପଚାରୁଛନ୍ତି । ତୁ କହ ତ ଆଈ, ମୁଁ କେଉଁ ମୁହଁରେ ମୋ' ବାପା ଅଛି ବୋଲି କହିବି । ତା'ର ଆଈ ମା' ତାକୁ ଗେହ୍ଲେଇ କହେ । ଆଲୋ ଚନ୍ଦ୍ରା, ତୁ ଭିକ ମାଗି ନ ଗଲେ ଆମକୁ କିଏ ଖାଇବାକୁ ଦେବ । ତୋ' ବାପ ତ ତା' ସ୍ତ୍ରୀ କଥାରେ ଶ୍ୱଶୁର ଘର ଜଗିଛି । ମୁଁ ଏବେ ଖଟ ଛାଡ଼ିପାରୁନି ।

ଚନ୍ଦ୍ରିକା ତା'ର ଆଈ ମା'କୁ କହେ ମୋତେ ସେଦିନ ତ ଣ୍ଟି ମୋଡ଼ି ନ ଦେଲୁ କାହିଁକି ? ମୁଁ ମଧ ମୋ' ମା' ସହିତ ଯାଇଥା'ନ୍ତି । ମା' ସିନା ମରିଗଲା, ବାପା ତ ଅଛି । କେମିତିକା ବାପା ସିଏ । ଯିଏ ନିଜ ସ୍ତ୍ରୀର କଥାରେ ଜନ୍ମକଲା ଝିଅକୁ ମୁହଁ ମୋଡ଼ିଦେଇଛି । ମୁଁ କ'ଣ ତା'ର କିଛି ନୁହେଁ । ତେବେ ଜନ୍ମ କରୁଥିଲା କାହିଁକି ?


ଦିନେ ଚନ୍ଦ୍ରିକାର ନିକଟ ସମ୍ପର୍କୀୟ ମାମୁଟିଏ ତାକୁ କହିଲେ, ଆଲୋ ଚନ୍ଦ୍ରା, ତୋତେ ଆଉ ଭିକ ମାଗିବାକୁ ପଡ଼ିବ ନାହିଁ । ତୁ ପାଠ ପଢ଼ିବୁ । ମୁଁ ଜାଣୁଛି ତୋ ଆଈ ମା' ଆଉ ପାରୁନି । ତୁ ଆଶ୍ରମରୁ ଗଲେ ସେଇଠି ରହିବୁ, ସେଇଠି ଖାଇବୁ, ଶୋଇବୁ, ପଢ଼ିବୁ । ତୋ'ର ଭିକ ମାଗିବା ମୋତେ ଜମାରୁ ଭଲ ଲାଗୁନି ।

ଚନ୍ଦ୍ରିକା କହିଲା, ହଁ ଯେ, ମୋ' ଆଈମା'କୁ କିଏ ଖାଇବାକୁ ଦେବ । ଯିଏ ମୋ' ମାଆର ମରଣାନ୍ତେ ନିଜ ଶୁଖିଲା ସ୍ତନକୁ ଚୁଚୁମେଇ ମୋ' ଜୀବନ ରଖିଛି, ମୁଁ ତାକୁ ଛାଡ଼ି ଯିବି କେମିତି ? ମୁଁ ତା' ଠାରେ ଋଣୀ ହୋଇଯିବିନି । ସେ ମୋ' ପାଇଁ କେତେ ପରିଶ୍ରମ କରିଛି । ପରବାଡ଼ିରେ ଖଟି ନିଜେ ନ ଖାଇ ମୋତେ ଖୁଆଇଛି । ମୁଁ ତ ମୋ' ମା'ର ମୁହଁ ଦେଖିନି । ସେ ମୋତେ ମାଆର ମମତା ଦେଇଛି, ତାକୁ ମୁଁ ଛାଡ଼ିଗଲେ ପାପ ଲାଗିବନି ।

ଚନ୍ଦ୍ରିକାର ସରଳ ନିଷ୍କପଟ ଅମୃତମୟ ବାଣୀରେ ତା'ର ମାମୁକୁ ତରଳାଇ ଦେଲା । ସେ ନତମସ୍ତକ ହୋଇ କହିଲେ, ଏତୁଟିଏ ଛୁଆର ଏତେ ବୁଦ୍ଧି । ଯିଏ ସଂସାର ଦେଖିନି, ଚନ୍ଦ୍ରିକାର ମାମୁଁ ଆଉକିଛି କହିବାକୁ ସାହାସ କଲେନି । କହିଲେ, ମୁଁ ତୋ'ଠି ହାରିଗଲି ଲୋ । ମଣିଷ ମନକୁ ସମ୍ପ ତ୍ତି ରେ କିଣି ହୁଏନି । ଆପଣା ଆପଣା ରକ୍ତର ଯେଉଁ ସଂପର୍କ ଥାଏ, ସେହି ସଂପର୍କ ଛିଣ୍ଡିବା ସହଜ ନୁହେଁ, ଏହା ଅଛିଣ୍ଡା ଡୋରି ଭଳି । ତୁ ତା'ର ସ୍ନେହରେ ଯେତିକି ଆକୃଷ୍ଟ ହୋଇ ଆଜି ଏତେ ସୁଯୋଗ ସୁବିଧାକୁ ପାଦରେ ଠେଲି ଦଉଛୁ । ତୋ' ନିକଟରେ ଲୁହାର ଶିକୁଳି ମଧ ତୁଚ୍ଛ ।

ସଜ୍ଜନେ, ଯେଉଁ ଶିଶୁ କନ୍ୟାଟି ଅସହାୟ ଥାଇ ସୁଦ୍ଧା ନିଜର ପ୍ରତିପାଳିତ ଆଈ ମା'କୁ ଛାଡ଼ି ଯିବାପାଇଁ ଅନିଚ୍ଛୁକ ସେ ଆଜି ସମାଜର ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଆଜି ବଧୂହତ୍ୟା, କନ୍ୟା ଭ୍ରୁଣ ହତ୍ୟା, ନାବାଳିକା ଧର୍ଷଣ, ଏଥିପ୍ରତି କାହାର ନଜର ନାହିଁ । ଯେଉଁମାନେ ସମାଜର ବଡ଼ପଣ୍ଡା ଆଖ୍ୟା ପାଇଛନ୍ତି, ତାଙ୍କର କ'ଣ କିଛି କ ର୍ତ୍ତବ୍ୟ ନାହିଁ ।

ଆସନ୍ତୁ, ଆମେ ସଭିଏଁ ଶପଥ ନେବା । ନାରୀକୁ ସୁରକ୍ଷା ଦେବା ପ୍ରତ୍ୟେକ ମଣିଷର ଧର୍ମ । ତାକୁ ଆମେ ମମତାର ସହିତ ଆପଣେଇବା, ଯହିଁରେ ସେ ବିଶ୍ୱାସିନୀ ହେବ ।



# ଅକୁହା କଥା

ବାମଦେବ ସ୍ୱାଇଁ

ଫଗୁଣର ରଙ୍ଗ ଲାଲିମାରେ ପ୍ରକୃତିରାଣୀ ବିମୋହିତ । କୃଷ୍ଣଚୂଡ଼ା, ମଧୁମାଳତୀର ମହ ମହ ବାସ୍ନାରେ କୋଇଲିର ପଞ୍ଚମ ତାନ । ଭାବବିନୋଦିଆ କାଳିଆ କାହ୍ନୁ ସହିତ ରାଧାଙ୍କର ଯୁଗଳ ମୂର୍ତ୍ତି ଦୋଳମଣ୍ଡପରେ ମନ୍ତ୍ରସିକ୍ତ । ରଙ୍ଗର ପସରାରେ ହୋଲିର ତୁଠ ପ୍ରାଣବନ୍ତ, ରସସିକ୍ତ, ଆନମନା ଆଖିରେ ନହୁଲୀ ବୟସର ଛିଟା ବସନ୍ତ ହସୁଛି ହଳଦୀବସନ୍ତ ଥଣ୍ଟରେ । ପ୍ରେମ ପ୍ରଣୟର ସ୍ମୃତି ଫଗୁଆରେ ସିନ୍ଦୂର ମ୍ରିୟମାଣ ।

ରାତ୍ରିର କୋଳରେ ଦିବସର ଓଁକାର ନାଦ, ବଳକଧାରୀଙ୍କ କଣ୍ଠରେ ପ୍ରଭୁ ଅଲେଖ ମହିମା ରଖ । କୃତ୍ତିବାସର ହଠାତ୍ ନିଦ ଭାଙ୍ଗିଗଲା । ମୋବାଇଲ୍‌ରୁ ରିଙ୍ଗ୍‌ଟୋନ୍‌ରେ ଗୀତ ପରେ ଗୀତ, "ଜନମ୍ ଜନମ୍ କା ସାଥିହେ ତୁମାରା ହମାରା" । କୃତ୍ତିବାସ ହ୍ୟାଲୋ କହିଲାବେଳକୁ ନରମ ସ୍ୱରର ସମ୍ଭାଷଣ ହୋଲିର ଶୁଭେଚ୍ଛା । ଆଜି ପରା ହୋଲି । ତୁମେ ନିଶ୍ଚୟ ଆସିବ । ମୁଁ ତୁମ ପ୍ରତୀକ୍ଷାରେ । କୃତ୍ତିବାସ କହିଲା ନିତୁ ମୋତେ କ୍ଷମା କରିବୁ । ବୋଉ ମୋର ରୋଗଶଯ୍ୟାରେ । ତାକୁ ଛାଡ଼ି ମୁଁ କେଉଁଠିକୁ ଯିବି । ଛୋଟବେଳୁ ବାପା ମୋର ଆରପାରିରେ ।

ବାପାର ମମତା, ସ୍ନେହ ମୋ' ପାଇଁ ସାତ ସପନ । ତୁ ତ ମୋର ଅତି ଆପଣାର, ପୁଣି ଅତି ନିହାତି ନିଜର ସୁଖଦୁଃଖର ସାଥି । ନିତୁ ଶୁଣିବୁ ମୋ ବୋଉ କହୁଥିଲା ନା ଏ ବର୍ଷ ମୋତେ ହାତକୁ ଦି'ହାତ କିରବ । ହେଲେ ସେ ଆଜି ଅସହାୟ । ତା' ଆଖିରେ ଲୁହରେ ଯୋଡ଼ିନାଗରା ଓ ମହୁରି ନିରବ ନିଶ୍ଚଳ । ତୋ' ବିଭାଘରର ନିମନ୍ତ୍ରଣ ପତ୍ର ପାଇଛି । ନିତୁ ହୋଲିର ରଙ୍ଗଠାରୁ ତୋ' ମଥାର ସିନ୍ଦୂରର ରଙ୍ଗ ନିଶ୍ଚୟ ଉଜ୍ଜ୍ୱଳ, ସ୍ୱଚ୍ଛ ଓ ପବିତ୍ର ହେଉ ଏହାହିଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛି । ଫୋନ୍ ବନ୍ଦ ହେଲାବେଳକୁ ଆଖିରେ ଲୁହ ଚିବୁକ ଛୁଇଁ ସାରିଥିଲା । ନିତୁ ବିଭା ହୋଇଛି ଜଣେ ଡାକ୍ତରଙ୍କୁ । ସୁଖର ସଂସାର ଯାନିଯୌତୁକରେ ଆନନ୍ଦରେ ଫାଟି ପଡୁଥିଲା । ହେଲେ ବର୍ଷେ ନ ପୂରୁଣୁ ପୁଣି ଯୌତୁକ ପାଇଁ ନାଗରା । ଦୁଇ ଲକ୍ଷ ଟଙ୍କା ନ ଆଣିଲେ ଏ ଘର ଦୁଆରମୁହଁ ସବୁଦିନ ପାଇଁ ବନ୍ଦ । ବାପା ଭାଇ ଦୁଇଲକ୍ଷ ଟଙ୍କା ଆଣିବେ କେଉଁଠୁ ? ବାପା ଅକ୍ଷମତା ପ୍ରକାଶ କରିବାରୁ ଆରମ୍ଭ ହେଲା ନିତୁ ଉପରେ ଅତ୍ୟାଚାର । ମାର୍ ଧର୍ ଓ ମାରିଦେବାକୁ ଧମକ । ପୁଣି କେଇଦିନ ପରେ ନିତୁ ଶୁଣିଲା ନିଜର ସ୍ୱାମୀ ଅନ୍ୟ ଜଣେ ଝିଅକୁ ମନ୍ଦିରରେ ବିଭା ହୋଇସାରିଛନ୍ତି । ନିତୁ ଏହାର ପ୍ରତିବାଦ କରିବାରୁ ନିତୁକୁ ସ୍ୱାମୀ ଛାଡ଼ପତ୍ର ଦେଇ ଘରୁ ବିଦା କରିଦେଲେ । ନିତୁ ଉଚ୍ଚଶିକ୍ଷିତ । ଭାଗ୍ୟ ଓ କର୍ମବଳରେ ବ୍ୟାଙ୍କ୍ ଚାକିରିଟିଏ ପାଇଲା । ବାପାବୋଉଙ୍କ ପାଖରେ ରହିଲେ ମଧ ପୁରୁଣାଦିନର ସ୍ମୃତିକୁ ମନେପକାଇ ସମୟ ବିତାଇଦିଏ ।

ସମୟର ଚକ୍ରବ୍ୟୂହରେ ସମସ୍ତେ ବିଘୂର୍ଣ୍ଣିତ । କୃତ୍ତିବାସର ମା' ଆଖି ବୁଜିଲା । କୃତ୍ତିବାସ ସବୁଦିନ ସଞ୍ଜ ସକାଳେ ଶିବ ମନ୍ଦିରକୁ ଯାଏ, ପ୍ରଭୁଙ୍କ ପାଖରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଲାଗିଥାଏ । କୃତିବାସ କେତେଦିନ ଅନ୍ୟଉପରେ ନିର୍ଭର କରି ଚଳିବ । ନିଜର ମାତ୍ର ଦୁଇଗୁଣ୍ଠ ଜମି ବିକ୍ରି କରି ମନ୍ଦିର ପାଖରେ ପୂଜାସାମଗ୍ରୀ ଓ ଫଳ ଦୋକାନଟିଏ କଲା । ଭଲ ଦି'ପଇସା ରୋଜଗାର କରି ସମାଜରେ ପ୍ରତିଷ୍ଠିତ ହେଲା । ଜନ୍ମମାଟିର ମୋହ ପାଖରେ ବନ୍ଧା ପଡ଼ିଲା କୃତ୍ତିବାସ । ଦିନ ଯାଇ ରାତି ଆସେ । ଆଜି ଶିବରାତ୍ରି । ଶିବ ମନ୍ଦିରରେ ଜାଗର ଦୀପ ଜାଳିବା ପାଇଁ ସମସ୍ତେ ବ୍ୟସ୍ତ । ଫୁଲ, ଫଳ, ଦୀପ ନେଇ ମନ୍ଦିରରେ ଭକ୍ତିର ଅର୍ଘ୍ୟ ଦେଉଥାନ୍ତି । ଗହଳ ଚହଳ, ଶଙ୍ଖ, ହୁଳହୁଳି ଶବ୍ଦରେ ସ୍ଥାନଟି ଫାଟିପଡୁଥାଏ ।

ନିତୁର ବଦଳି ହୋଇଛି ସହରକୁ । ସେ ପ୍ରତ୍ୟେକ ବର୍ଷ ଜାଗର ଦୀପ ଜାଳେ । ହେଲେ ଏ ବର୍ଷ କାହିଁକି କେଜାଣି ଅଳ୍ପ ଦୂରରେ ଥିବା ସିଦ୍ଧେଶ୍ୱର ମନ୍ଦିରକୁ ଯିବ ଜାଗର ଦୀପ ଜାଳିବା ପାଇଁ । ସେଥିପାଇଁ ସେ ସଜାଡ଼ିଛି ବିଭିନ୍ନ ପ୍ରକାର ଫୁଲ, ବେଲପତ୍ର ଓ ଫଳମୂଳ ଇତ୍ୟାଦି । ସକାଳୁ ସକାଳୁ ଡାମରା କାଉଟା କା' କା' ରାବ ଛାଡୁଛି । ଆଜି ପୁଣି ରବିବାର । ନିତୁ ତରବରରେ ପ୍ରଭୁଙ୍କ ପାଖକୁ ଯାଉଛି । ବାଟରେ ନାଗସାପଟିଏ ଦେଖି ଚମକିପଡ଼ିଲା । ହେଲେ ସେ ଭାବିଲା ଆଜି ନିଶ୍ଚୟ ମୋର ସବୁଠାରୁ ଶୁଭଦିନ । ମନ୍ଦିର ପାଖ ଦୋକାନରୁ ଘିଅ ଦୀପଟିଏ କିଣିଲା । ଚିହ୍ନା ଚିହ୍ନା ଲାଗୁଥିବା ଦୋକାନୀଟିକୁ ପାଞ୍ଚ ଟଙ୍କା ବଢ଼ାଇଦେଲା । ଦୋକାନୀ ଥିଲା ବ୍ୟସ୍ତ । ସେଦିନ ଜାଗର ଦୀପ ଜାଳିଲାବେଳେ ନିତୁର ମନେପଡ଼ିଯାଇଥିଲା କୃତ୍ତିବାସର ମୁହଁ । ମନରେ ଅସରନ୍ତି ପ୍ରଶ୍ନ । ଭଗବାନଙ୍କ ପାଖରେ ନତମସ୍ତକ ହେଲା । ଭୋଗ ସହିତ ବେଲପତ୍ର ଆଣି ଦେଲା । ମନ ଭିତରେ କୃତିବାସ ପ୍ରତି ଅସରନ୍ତି ଭାବନା । ତୁମେ ଓ ମୋ' ମଧରେ ସଂପର୍କ ସଦା ଢ଼ଳ ଢ଼ଳ ଓ ଛଳଛଳ, କେମିତି କହିବି ? ତୁମ ଜୀବନର ନଈପଠାରେ ମୁଁ ଏକ ବାଲିଘର । ଯେଉଁଠି ଜୁଆରରେ ମୋର ସବୁତକ ସ୍ୱପ୍ନ ନଦୀର କରାଳ ଗର୍ଭରେ ଲୀନ । ଲୁହ ଛଳଛଳ ଆଖିରେ ନିତୁ ଯାହା କହିଲା ତାହା ଥିଲା ହୃଦୟ ବିଦାରକ, ମର୍ମସ୍ପର୍ଶୀ । ଅନ୍ତରାତ୍ମାର ଅକୁହା କଥା । କୃତ୍ତିବାସ ଚାହିଁଥିଲା ଅନେକ ହେଲେ ପାଇଲା ତା'ଠାରୁ ବେଶି । ଭଗବାନଙ୍କୁ ସାକ୍ଷୀ ରଖି ଫୁଲମାଳ ଯୁଗଳ ହସ୍ତରେ ଦୁଇପଟ ଶଙ୍ଖା ଓ ଟୋପାଏ ସିନ୍ଦୂର ବୋଳି ଦେଇଥିଲା । ନିତୁର ସିନ୍ଥିରେ କାଳ କାଳ ପାଇଁ ସୁଖଦୁଃଖର ସାଥୀ ହେଲାବେଳକୁ ମନ୍ଦିର ଚୂଡ଼ାରେ ମହାଦୀପ ଉଠିସାରିଥିଲା । ଶଙ୍ଖ ହୁଳହୁଳି ଶବ୍ଦରେ ଜୀବନର ସର୍ବଶ୍ରେଷ୍ଠ ମନ୍ତ୍ର 'ପଞ୍ଚାକ୍ଷରୀ ମନ୍ତ୍ର' ଓଁକାର ନାଦରେ ନିନାଦିତ । ନିତୁ କୃତ୍ତିବାସର ପାଦଧୂଳି ମୁଣ୍ଡରେ ମରିଲାବେଳକୁ ରଜନୀ କୋଳରେ ପ୍ରଭାତ ଛାଡୁଥିଲା କୁଆଁ କୁଆଁ ଡାକ ।

ନାଉଗାଁ, ଜଗତ୍‌ସିଂହପୁର

୦୦୦


IBMS No.1 INSTITUTE
IBM'S
SINCE-2005
BANK
PO/CLERK
SSC
+2/GRADUATE
RLY
Tech./Non Tech.
OAS
BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

# ମା'ମୋତେ ମିଛ କହିଲେ

**ରାଧାକୃଷ୍ଣ ପାଣି**

ନୂଆ ବରଷ । ସମସ୍ତଙ୍କ ପାଇଁ ଏକ ଖୁସିରେ ଦିନ । କିନ୍ତୁ ଏହି ନୂଆ ବରଷ କେତେବେଳେ କାହା ପାଇଁ ସୁଖର ସମ୍ବାଦ ନେଇ ଆସେ ତ ପୁଣି କାହାପାଇଁ ନେଇଆସେ ଅଯୁତ ଦୁଃଖର ବେଦନା । ବର୍ଷସାରା ସଭିଏଁ ଖୁସିରେ ରହିବାକୁ ପ୍ରସ୍ତୁତି ନେଉଥିବାବେଳେ, କାହାପାଇଁ ନିୟତି ଲେଖିଥାଏ ଅନ୍ୟପ୍ରକାରର । ସେଥରର ନୂଆବରଷ ଭେଟି ଦେଇଥିଲା ସେମିତି ଏକ ବର୍ଷଟିଏ 'ଜୀବନ' ଓ 'ରିଙ୍କି'କୁ । ଜୀବନ ଓ ରିଙ୍କି ଦୁହେଁ ଗୋଟିଏ ଶିଶୁମନ୍ଦିରରେ ଦ୍ୱିତୀୟ ଶ୍ରେଣୀରେ ପଢ଼ନ୍ତି । ପିଲା ଦୁହେଁ ପରସ୍ପର ପ୍ରତି ବହୁତ ନିବିଡ଼ । ଏପରିକି ସେମାନେ ନିଜ ନିଜର ଟିଫିନ୍‌କୁ ମଧ ବାଣ୍ଟି କରି ଖାଆନ୍ତି । ସେମାନଙ୍କ ନିବିଡ଼ତାର ମୁଖ୍ୟ କାରଣ ହେଉଛି, ସେ ଦୁହେଁ ପାଖାପାଖି କଲୋନୀରେ ବାସ କରନ୍ତି । ମାତ୍ର ସଭିଏଁ ଜାଣନ୍ତି ଯେ, ସେମାନଙ୍କର ଏହି ବନ୍ଧୁତ୍ୱ ଆଉ ଅଧିକ ଦିନ ନୁହେଁ । କାରଣ, ରିଙ୍କିକୁ ରକ୍ତକର୍କଟ । ତା'ର ବାପା ସୁରେଶବାବୁ ଏବଂ ତାଙ୍କ ପତ୍ନୀ ବହୁ ପ୍ରକାରର ଡାକ୍ତରୀ ଚିକିତ୍ସା କରିସାରିଲେଣି । ମାତ୍ର କୌଣସି ଫଳ ମିଳିନି । ଡାକ୍ତର ମଧ କହିସାରିଛନ୍ତି ଯେ ପିଲାଟି ଆଉ ବେଶୀଦିନ ବଞ୍ଚିବ ନାହିଁ । ଅତି ବେଶୀରେ ମାସଟିଏ ।

ଜୀବନ ହେଉଛି ଅଞ୍ଜଳି ଦେବୀ ଏବଂ ପ୍ରଭାସ ବାବୁଙ୍କର ଏକମାତ୍ର ସନ୍ତାନ । ଶ୍ରେଣୀରେ ପ୍ରଥମ ହେଉଛି । ଯଦିଓ ପିଲାଟି ଶାନ୍ତ ନୁହେଁ ତଥାପି ଏହାକୁ ତା'ର ଦୁଷ୍ଟାମି ମଧ କୁହାଯାଇ ନ ପାରେ । ଏହା ତା'ର ପିଲାଳିଆମୀ । ପିଲାଟି ସିନା ଚଳଚଞ୍ଚଳ, ହେଲେ ସବୁ କଥାରେ କାରଣ ଖୋଜୁଥାଏ । ସେଥିପାଇଁ ଅଞ୍ଜଳି ଦେବୀ ମଧ ବେଳେବେଳେ ବିରକ୍ତ ହୋଇଯାଆନ୍ତି । ତଥାପି ପିଲାଟିର ଯାହା ଜାଣିବା ଉଚିତ୍ ତାହା ଜଣାଇଦିଅନ୍ତି । ସେଦିନ ପ୍ରଭାସବାବୁଙ୍କୁ ଅଫିସ ତରଫରୁ ନୂଆବର୍ଷ ପାଇଁ ଅଗ୍ରିମ ବୋନସ୍ ମିଳିଥାଏ । ତେଣୁ ଅଞ୍ଜଳି ଦେବୀ ଏବଂ ପ୍ରଭାସବାବୁ ଦୁହେଁ ନୂଆ ବରଷଟିକୁ ଖୁସିରେ କଟାଇବାର ଯୋଜନା ପ୍ରସ୍ତୁତ କରୁଥା'ନ୍ତି । ପାଖରେ ଜୀବନ ମଧ ଉପସ୍ଥିତ ଥାଏ । ଶେଷରେ ସ୍ଥିର ହେଲା ଯେ ନୂଆବର୍ଷଦିନ ସେମାନେ ଏକ ସ୍ପଟ୍‌ରେ ପିକ୍‌ନିକ୍ କରିବେ । ହେଲେ କୋମଳମତି ଜୀବନ ଏହାକୁ ବୁଝି ନ ପାରି ମା'ଙ୍କୁ ପଚାରିଲା- "ମା', ବାପା କାହିଁକି ନୂଆବର୍ଷଟିକୁ ଖୁସିରେ କଟାଇବାକୁ କହିଲେ ?" ଅଞ୍ଜଳି ଦେବୀଙ୍କର ଉତ୍ତର ଥିଲା "ନୂଆବର୍ଷଟି ଖୁସିରେ କଟିଲେ, ବର୍ଷସାରା ଆମେ ଖୁସିରେ ରହିବା ।" ତାହେଲେ ମା' ନୂଆବର୍ଷଟି ଯେମିତି କଟିବ କ'ଣ ବର୍ଷସାରା ସେହିଭଳି କଟିବ ? ଜୀବନର ଏହିପରି ପ୍ରଶ୍ନରେ ଅଞ୍ଜଳି ଦେବୀ ଉତ୍ତେଜିତ ହୋଇ କହିଲେ, "ହଁ ବାବା ହଁ ।"

କିଛିଦିନ ପରେ ପୁରୁଣା ବରଷକୁ ବିଦାୟ ଦେଇ ଉପସ୍ଥିତ ନୂଆବରଷ । ତାହା ଥିଲା ନବର୍ଷର ସେହି ଶୀତୁଆ ପ୍ରତ୍ୟୁଷ । ସେଦିନ ସୂର୍ଯ୍ୟୋଦୟର କିଛି ସମୟ ପୂର୍ବରୁ ଅଞ୍ଜଳି ଦେବୀ ଜୀବନକୁ ବିଛଣାରୁ ଉଠେଇଦେଇ, ଗାଧୋଇବା ପାଇଁ ଚାଲିଗଲେ । ଏପଟେ ପ୍ରଭାସବାବୁ ପିକ୍‌ନିକ୍ ପ୍ରସ୍ତୁତିରେ ବ୍ୟସ୍ତ ଥା'ନ୍ତି । ଏହି ସମୟରେ ଜୀବନ ମୁହଁ ଧୋଇଦେଇ ବାହାରକୁ ବାହାରି ଆସିଲା । କିଛି ସମୟ ପରେ ଅଞ୍ଜଳି ଦେବୀ ସ୍ନାନସାରି ପିଲାଟିକୁ ପରିଷ୍କାର କରିବା ପାଇଁ ଖୋଜନ୍ତେ, ଜୀବନକୁ ପାଇଲେ ନାହିଁ । ତା'ପରେ ସେ ପ୍ରଭାସଙ୍କ ପାଖରେ, ଛାତ ଉପରେ । ତଳ ମହଲାରେ, କେଉଁଠି ମଧ ପାଇଲେ ନାହିଁ । ସଂପୂର୍ଣ୍ଣ ରାତି ପାହି ନ ଥାଏ, ତେଣୁ ଅଞ୍ଜଳି ଦେବୀ ଟିକେ ଅଧିକ ଭାବପ୍ରବଣ ହୋଇଯାଇଥା'ନ୍ତି । ପ୍ରଭାସବାବୁ ମଧ ଖୋଜି ଖୋଜି ଆର କଲୋନୀ ଆଡ଼େ ଯାଇଛନ୍ତି । ସମୟକୁ ସମୟ ଅଞ୍ଜଳିଦେବୀଙ୍କର ବ୍ୟଗ୍ରତା ବଢ଼ି ବଢ଼ି ଯାଉଥାଏ । ତାଙ୍କ ଆଖିରେ ଲୁହ ମଧ ଚାଲିଆସୁଥାଏ । ଯାହାହେଲେ ବି ସିଏ ମାଆ ନା । ମାଆ ପରା ଭଗବାନଙ୍କ ଠାରୁ ଅଧିକା । ଭଗବାନ ସିନା ପରମପିତା ହୋଇପାରନ୍ତି, ହେଲେ ପରମ ମାତା ତ ନୁହଁନ୍ତି ନା ।

କିଛି ସମୟ ପରେ ପ୍ରଭାସବାବୁ ଜୀବନକୁ ନେଇ ଫେରୁଥିବାର ଅଞ୍ଜଳି ଦେବୀ ଦେଖିବାକୁ ପାଇଲେ । ସେମାନେ ନିକଟକୁ ଆସିବା ପରେ, ଅଞ୍ଜଳି ଦେବୀ ଜୀବନକୁ ଭିଡ଼ିନେଇ ଚାପୁଡାଟିଏ ମାରିଲେ । ତା'ପରେ ପଚାରିଲେ, "ଏତେ ସକାଳରୁ ତୁ ସେପଟ କଲୋନୀକୁ କାହିଁକି ଯାଇଥିଲୁ ?" ଜୀବନ ଛଳଛଳ ଆଖିରେ ଦରଦଭରା କଣ୍ଠରେ କହିଲା, "ମାଆ ମୁଁ ରିଙ୍କି ଘରକୁ ଯାଇଥିଲି ।" ରିଙ୍କି କଥା ଶୁଣି ଅଞ୍ଜଳିଙ୍କ ମନରେ ଦୟା ଆସିଗଲା । ଆହା, ବିଚରା ପିଲଟି, କେମିତିକା ଭାଗ୍ୟ ନେଇ ଜନ୍ମ ହୋଇଥିଲା କେଜାଣି ? ନିଜକୁ ନରମ କରି ଅଞ୍ଜଳି ଦେବୀ ପୁଣି ପଚାରିଲେ, "ରିଙ୍କିକୁ ପରେ ନୂଆବର୍ଷର ଅଭିନନ୍ଦନ ଜଣାଇଥିଲେ ହୋଇ ନ ଥାନ୍ତା ।" ମା' ମୁଁ ରିଙ୍କିକୁ ଅଭିନନ୍ଦନ ଦେବାପାଇଁ ଯାଇ ନଥିଲି । ସେଦିନ ସ୍କୁଲ୍ ଯିବାବେଳେ ସିଏ ମୋତେ କହିଲା, ଜାଣିଚୁ ଜୀବନ, ମୁଁ ଆଉ ବେଶୀଦିନ ବଞ୍ଚିବିନି । ମୋତେ ପରା କେଉଁ ଗୋଟେ ରୋଗ ହୋଇଛି । ମୁଁ କହିଲି, "ମୁଁ ଗୋଟେ ଉପାୟ ଜାଣିଛି ରିଙ୍କି, ତୋ'ର ଆଉ କିଛି ହେବନି ।" ମାଆ ସେଥିପାଇଁ ମୁଁ ତା'ପାଖକୁ ଯାଇଥିଲି, ତା'ସହ କଥା ହୋଇଆସିଲି । ତାହା ସହିତ ନୂଆ ବର୍ଷରେ କଥାହେଲି ମାନେ, ମୁଁ ବର୍ଷସାରା କଥା ହୋଇପାରିବି । ତେଣୁ ସିଏ ଆଉ ମରିବନି । ମୁଁ ଠିକ୍ କରିଛି ନା ମାଆ ? ରିଙ୍କିର ଆଉ କିଛି ହେବନି ନା ? ଅଞ୍ଜଳିଦେବୀ ଆଉ କିଛି କହି ନ ପାରି, ଜୀବନକୁ କୋଳକୁ ଭିଡ଼ିନେଏ ଏବଂ କଥାକୁ ପରିବର୍ତ୍ତନ କରି ପିକ୍‌ନିକ୍ ପାଇଁ ବାହାରି ପଡ଼ିବାକୁ କହିଲେ ।

ଏମିତିରେ କିଛିଦିନ ବିତିଗଲା । ସେଦିନ ଜୀବନ ସ୍କୁଲରୁ ଫେରି ମା'ଙ୍କୁ ପଚାରୁଛି, "ମାଆ, ରିଙ୍କି ଦୁଇଦିନ ହେଲା କାହିଁକି ସ୍କୁଲ୍ ଯାଉନାହିଁ ।" ମା' କହିଲେ, "ରିଙ୍କି ପରା ଡାକ୍ତରଖାନାରେ ଅଛି ।" ତା'ର ପୁଣି କ'ଣ ହୋଇଛି ମା' ? ତୋ' ବାପା କହୁଥିଲେ, ତା'ର କାଳେ ରକ୍ତ ଆବଶ୍ୟକ । "ମା', ମୁଁ ରିଙ୍କିକୁ ରକ୍ତ ଦେବି ।" ତୁ ଛୋଟ ପିଲା, ରକ୍ତ ଦେଇପାରିବୁ ନାହିଁ । ଏମିତି କହି ଅଞ୍ଜଳି ଦେବୀ ଜୀବନକୁ ଉକ୍ତ ଘଟଣାରୁ ଦୂରେଇବାକୁ ଚେଷ୍ଟା କରିଛନ୍ତି ଏବଂ ଖାଇସାରି ଶୋଇବାକୁ ବାଧ କରିଛନ୍ତି । ଏହିପରି ଭାବରେ ଅଞ୍ଜଳି ଦେବୀ ଜୀବନକୁ ରୁମ୍‌ରେ ଶୁଆଇଦେଇ ନିଜ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । କିଛି ସମୟ ପରେ ଆସି ପହଞ୍ଚିଛନ୍ତି ପ୍ରଭାସବାବୁ ଏବଂ ବର୍ଣ୍ଣନା କରିଛନ୍ତି ଏକ ଦୁଃଖଦ ଘଟଣା । ଜାଣିଛ ଅଞ୍ଜଳି, "ସୁରେଶବାବୁଙ୍କ ଝିଅ ମରିଗଲା ।" ଅଞ୍ଜଳି ଦେବୀ ତାଙ୍କ ପ୍ରତିକ୍ରିୟାରେ ଚକ୍ଷୁଦ୍ୱୟ ବିସ୍ତାରିତ କରି ପ୍ରଶ୍ନ କରିବା ଶୈଳୀରେ କହିଲେ, "ରିଙ୍କି ମରିଗଲା ?" ଏହି ଶବ୍ଦ ଦୁଇଟି ଯାଇ ଗୁଞ୍ଜରଣ ସୃଷ୍ଟି କଲା, ଅନ୍ୟ ଘରେ ଶୋଇଥିବା ଜୀବନର କର୍ଣ୍ଣରେ । ଚିତ୍କାର କରି ଉଠିଲା ଜୀବନ । ଚିତ୍କାର ଶୁଣି ଅଞ୍ଜଳି ଦେବୀ ଏବଂ ପ୍ରଭାସବାବୁ ଅଗ୍ରସର ହେଲେ ଉକ୍ତ ରୁମ୍ ଆଡ଼କୁ । ଆରେ ଏ କ'ଣ ? ଜୀବନର ହାତରୁ ରକ୍ତ ବୋହିଯାଇ ତଳେ ଥିବା ଗୋଟିଏ ପାତ୍ରରେ ପଡୁଛି ଏବଂ ତା' ସହିତ ଚଟାଣର କିଛି ଅଂଶ ମଧ୍ୟ ଭିଜିଯାଇଛି । ଅଞ୍ଜଳିଦେବୀ ଦୌଡ଼ିଗଲେ ଜୀବନ ପାଖକୁ । ତାକୁ ଟେକିନେଲେ ନିଜ କୋଳକୁ ଏବଂ କାନ୍ଦ କାନ୍ଦ ହୋଇ କହିଲେ, ତୁ ଏ କ'ଣ କଲୁରେ ଜୀବନ ? ଜୀବନ ତା'ର ସମସ୍ତ ଶକ୍ତି ସଂଗ୍ରହ କରି କହିଲା, "ମା, ତମେ ରକ୍ତ ଦେବାପାଇଁ ମୋତେ ମନା କରିବାରୁ, ମୁଁ ରିଙ୍କିକୁ ରକ୍ତ ଦେବାକୁ ଏହି ପାତ୍ରରେ ରଖିଥିଲି । ହେଲେ ମାଆ ରିଙ୍କି ମରିଗଲା । ତମେ କହିଥିଲ, ମୁଁ ରିଙ୍କି ସହିତ ବର୍ଷସାରା କଥା ହୋଇପାରିବି । ହେଲେ ମା ! ମୁଁ ଏବେ ରିଙ୍କି ସହିତ କେମିତି କଥା ହେବି ?" ତମେ ମୋତେ ମିଛି କହିଲ ମା', ତମେ ମୋତେ ମିଛି କହିଲ... । ଆଉ କହିପାରିଲା ନାହିଁ ଜୀବନ । ସେତେବେଳକୁ ବହୁତ ଡେରି ହୋଇଯାଇଥିଲା । ଜୀବନର ସମସ୍ତ ଶକ୍ତି ଶେଷ ହୋଇଯାଇଥିଲା । ସମସ୍ତଙ୍କୁ ଛାଡ଼ିଦେଇ ଜୀବନ, ରିଙ୍କି ସହ କଥା ହେବାପାଇଁ ତା' ପାଖକୁ ଚାଲିଗଲା ।

ବ୍ରାହ୍ମରୀ ଗାଁ, ଭଦ୍ରକ

୦୦୦

# କହିବାକୁ ଲାଜ ମେଲଣ ମଜା

ସୁନାକର ସାହୁ

ଦୋଳପୂର୍ଣ୍ଣିମା ଯିବାର ନବମ ଦିନ । ସେଦିନ ପଡ଼େ ଜାତୀୟ ରାଜପଥର ଏକ ପାର୍ଶ୍ୱରେ ଅବସ୍ଥିତ ଦଶଦୋଳ ପଡ଼ିଆର ମେଲଣ । ଏ ମେଲଣର ଆୟୁ ପାଖାପାଖି ତିରିଶି ଟପିଲାଣି । ତଥାପି ତା'ର ରଙ୍ଗ ମଉଳି ନାହିଁ ବରଂ ବର୍ଷକୁ ବର୍ଷ ତା'ର ରୂପ ଝଟକି ଉଠୁଛି ସତେ ଅବା ନବଯୌବନସଂପନ୍ନା । ତନ୍ୱୀ ତରୁଣୀଟିଏ । ଆଖିରେ ଆଖିଏ ସ୍ୱପ୍ନ । ମନରେ ଅସୁମାରି କଳ୍ପନା । ଯୌବନଦୀପ୍ତ ଶରୀରରେ ତା'ର ଭରିରହିଛି ଅନେକ ସବୁଜିମା । ଆଖପାଖ ଦଶ କିଲୋମିଟର ବ୍ୟାସର ଜନଗଣକୁ ଆକୃଷ୍ଟ କରିବା ସହ ବହୁ ଦୂରସହରଯାଏ ତା'ର ଗାରିମାକୁ ଗଣମାଧମବାଲା ପ୍ରସାରିତ କରିବାକୁ କୁଣ୍ଠା ପ୍ରକାଶ କରିନାହାନ୍ତି । ଛୁଆଠାରୁ ବୁଢ଼ା, ଅଣ୍ଡା ଠାରୁ ଭେଣ୍ଡା, ଚଞ୍ଚଳୀ ଠାରୁ ବୃଦ୍ଧା ଯାଏ ସମସ୍ତଙ୍କ ମୁହଁରେ ସେହି ମେଲଣର ଶତପ୍ରଶଂସା । ଅନେକ ମସକରିଆଙ୍କ ମଜଲିସିଆ ଭାଷା । ଯଦି ଧକ୍କା ହାବୁକା ଖାଇବାକୁ ଚାହଁ ତେବେ ଦଶଦୋଳ ମେଲଣ ଯାଅ । ବିନା ମାଲିସରରେ ଦେହ ତେଜିଆନ୍ ହୋଇଯିବ । ସେହି ଦଶଦୋଳ ମେଲଣକୁ ଉତ୍ସୁକତାର ସହ ଅପେକ୍ଷା କରିଥା'ନ୍ତି ମନଭରି ଉପଭୋଗ କରିବା, ମେଲଣରେ ଘୂରି ଘୂରି ବିମାନମାନଙ୍କ ରୋଷଣୀ, ସାଜସଜ୍ଜା ତଥା ସାଙ୍ଗରେ ଆଣିଥିବା ସାଂସ୍କୃତିକ ଦଳମାନଙ୍କ ଦକ୍ଷତା ପରଖିବା ଏବଂ ଭରପୁର ମଜା ଉଠାଇବା ପାଇଁ । ଡହରିଆ, ବାହାପିଆ, କୁହାଳିଆ ଲୋକ ମୁଖରେ ସମାଜସେବୀ ବୋଲାଉଥିବା ବାବୁ ଘଣ୍ଟେଶ୍ୱର ଚଳିତ ବର୍ଷ ଦଶଦୋଳପଡ଼ିଆ ମେଲଣ ବୁଲିଯିବା ପାଇଁ ମନସ୍ଥ କରିଛନ୍ତି । ଆଖପାଖରେ ଦୁଇଚାରିଜଣ ବୋଲକରା ଚେଲାମାନଙ୍କୁ ସାଥି କରିଛନ୍ତି । ବହୁ ପୂର୍ବରୁ ମନେଇ ସାରିଛନ୍ତି ମଧ । ମେଲଣ ବସିବାଦିନ, ନିର୍ଦ୍ଧାରିତ ରାତି ଦଶଟାରେ ସାଥିମାନଙ୍କୁ ସାଙ୍ଗରେ ନେଇ ବାବୁ ଘଣ୍ଟେଶ୍ୱର ପହଣ୍ଡି ବିଜେକଲେ ମେଲଣକୁ । ରାଜରାସ୍ତାରେ ପଡିଲା 'ଜନତା ବାର୍' । 'ବାର୍' ପାଖ ଛୋଟ ଏ.ସି.ବଖରା, ସାମ୍ନାରେ ଠିପି ଖୋଲା ମଦ ଦୋକାନ ସାଇନ୍‌ବୋର୍ଡ । ସାଥିରେ ଥିବା ନୁଖୁରା ବାସ ଘର ଏବଂ ଠିପିଖୋଲା ସାଇନ୍‌ବୋର୍ଡ ପାଖରେ ଅଟକି ଯାଇ କହିଲା, "ଆଜ୍ଞା, ଏଠାରୁ ଗଣ୍ଡେ ଖାଇଦେଇଗଲେ ସୁବିଧା ହୁଅନ୍ତା । ମେଲଣ ଗହଳିରେ ମନପସନ୍ଦ ଖାଇବା ଜୁଟିବ ନାହିଁ ।" ବାବୁ ଘଣ୍ଟେଶ୍ୱର ମଧ ଚାହୁଁଥିଲେ ମେଲଣ ବୁଲବୁଲ ରାତିଟା ପାହିଯିବ । ଚିହ୍ନା ଅଚିହ୍ନା ଅନେକ ଲୋକ ତାଙ୍କର ଭେଟ ହେବେ । ସମସ୍ତଙ୍କ ସାମ୍ନାରେ ଖାଇବସିଲେ ତାଙ୍କର ରାଜପଥ ପାଖ ଦୁଇ ଡିସିମିଲ୍ ଜମିଟା ବିକିଲେ ମଧ ଅଣ୍ଟିବ ନାହିଁ ବରଂ ଏଇଠୁ ଗଣ୍ଡେ ଖାଇଦେଇ ଯିବା ଭଲ । ମେଲଣରେ ଦର୍ଶକଙ୍କ ସଂଖ୍ୟା ଆପାତତଃ ଅଧଲକ୍ଷ ହେବା ସମ୍ଭାବନା । କାରଣ ରାସ୍ତାଘାଟର ସୁବିଧା ଏକାଦଶ ଯୋଜନା ପରେ ଆଶାତୀତ ଭାବେ ବୃଦ୍ଧି ପାଇଛି । ବି.ପି.ଏଲ୍. ଅନ୍ନପୂର୍ଣ୍ଣା, ମଧୁବାବୁ ପେନ୍‌ସନ୍ ଇତ୍ୟାଦି ସରକାରୀ ସୁବିଧାରେ ମସ୍ତ ଜନସାଧାରଣ । ମାଗଣା ଖାଇବା ଅଭ୍ୟାସ ବୃଦ୍ଧି ପାଉଥିବାର ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବାକୁ କେହି ନାରାଜ । ଏଣୁ ମାଲିକ ସର୍ବଗିଳାବାବୁ ଆଜି ନିଜେ ବାର୍ କାଉଣ୍ଟରରେ ବସିଛନ୍ତି । ସହଯୋଗୀ ଦୁଇଜଣ କାଉଣ୍ଟର ପାଖାପାଖି ଅପେକ୍ଷା କରିଛନ୍ତି ସର୍ବଗିଳାବାବୁଙ୍କୁ ସମୟ ସମୟେ ବିଶ୍ରାମ ଦେବାଲାଗି ।

ବାବୁ ଘଣ୍ଟେଶ୍ୱର ଓ ତାଙ୍କ ସାଥିରେ ଥିବା ଚାରିଜଣ ବାର୍‌ରେ ପ୍ରବେଶ କଲାକ୍ଷଣି ସର୍ବଗିଳାବାବୁ ଅବାକ୍ । ତାଙ୍କର ଚିନ୍ତା "ତଣ୍ଟିକଟାକୁ ଗଣ୍ଠିକଟା ଟପିଯିବନି ତ" ? ଦେଖାଯାଉ, ଯା'ହେଲେ ବି ସୌଜନ୍ୟ ରକ୍ଷାକରି ମୃଦୁ ହସରେ ସ୍ୱାଗତ କଲେ ସର୍ବଗିଳାବାବୁ । କି ସୌଭାଗ୍ୟ ଆଜି ପରା ଗହଳିରେ ଘଣ୍ଟେଶ୍ୱର ବାବୁଙ୍କ ଆଗମନ । ପୂର୍ବାପର ରିହାଲସାଲ ପରି ବାବୁଙ୍କ ଡାକ, ଅର୍ଡରଲିକୁ ଆଦେଶ "ସମାଜସେବୀ ବାବୁଙ୍କୁ ମନପସନ୍ଦର ଖାଦ୍ୟ ପରଶିବାକୁ ଏବଂ ବାବୁ ଯାହା ଚାହିଁବେ ଅକୁଣ୍ଠ ଚିତ୍ତରେ ଯୋଗଦେବାକୁ" । ଘଣ୍ଟେଶ୍ୱରବାବୁ ଚିରାଚରିତ ହସ ହସ ମୁହଁରେ ସର୍ବଗିଳାଙ୍କୁ ତାରିଫ କରି ସାଥିମାନଙ୍କ ସହ ଡାଇନଂ ଟେବୁଲ୍ ପାଖେ ଆସନ ଜମାଇଦେଲେ ଏବଂ ମେନୁ ତାଲିକା ଦେଖି ଅର୍ଡର ଦେଲେ । ଅର୍ଡର ତାଲିକାକୁ ଦେଖି ନୁଖୁରା ଦାସ କହିଲା ଆଜ୍ଞା, 'ସିଗନେଚର'ରୁ ଦୁଇ ପେଗ୍ ନ ମାରିଲେ ମେଲଣ ବୁଲା ଭଲ ଲାଗିବ ନାହିଁ । ନାକ ଟେକି ଘଣ୍ଟେଶ୍ୱର ବାବୁ କେହି ନ ଶୁଣି ପାରିବା ଭଳି କହିଲେ, ହଇରେ ଶଳା ନୁଖୁରା "ଶସ୍ତା ଆସ୍ୱାଫଟି ପାଉଚ ତୁ ଦୁନିଆ କାଣ୍ଡକାରଖାନା କରୁଛୁ, ଏ ସିଗ୍‌ନେଚର ପିଇଲେ ମୋ' ଆସନ୍ତା ନିର୍ବାଚନରେ ଟିକଟ ପାଇବା ସମ୍ଭାବନାକୁ ବୁଡ଼ାଇଦେବୁ । ଏଠି ସିଗ୍‌ନେଚର ପିଇଲେ କାଲି ସକାଳେ ଗଣମାଧମବାଲା ତାଙ୍କ କାଗଜମାନଙ୍କରେ ତୋ'ନାମକୁ ନ ଧରି ମୋ'ମୁଖମଣ୍ଡଳ ଉଜ୍ଜ୍ୱଳିଦେବେ । ଏଠି

SSC
BANK
RAILWAY
ONLINE TEST
PANDA CLASSES
74-A, BJB Nagar, BBSR
9439850124
7894502318
ASO

କ'ଣ ଖାଇବୁ ଖା', ଶତକଡ଼ା ପଚାଶ ରିହତି ମୋ'ପାଇଁ । ଯଦି ତୋର ଇଛାହୁଏ ଶୁବା ପାନଦୋକାନରୁ ପାନ ନେଲାବେଳେ ଗଳିରେ ପଶି କେହି ନ ଦେଖିବା ଅବସ୍ଥାରେ ଆସ୍କା ଚାଳିଶ ମନଇଛା ପିଇଦେବୁ । ନୁଖୁରା ଦାସ ଓ ଅନ୍ୟମାନେ ମୁହଁ ଆମ୍ବିଳା କରି ବାବୁଙ୍କ କଥା ରଖି ଚିକେନ୍ ପକୋଡ଼ା, କାଶ୍ମୀର ଆଲୁଦମ୍, ମୁଗଲାଇ ପରଟା, ଚିଙ୍ଗୁଡ଼ି ଚପ୍, ମସରୁମ୍ ତରକାରୀ ମନଭରି ଉଦରସ୍ଥ କରି ମୁହଁହାତ ଧୋଇ ବାହାରକୁ ଆସିଲେ । ୱେଟର ବିଲଟା ହସ ହସ ମୁହଁରେ ବାବୁ ଘଣ୍ଟେଶ୍ୱରଙ୍କୁ ଦେଲେ । ବାବୁ ବିଲ୍‌ଟାକୁ ଦେଖି ଆଖି ଖୋସି ପକାଇଲେ । ଭାବିଲେ ଏ ଚାରିଟାକୁ ସାଙ୍ଗରେ ଆଣି ଦେଉଳ ଭିତରକୁ ନ ଯାଇ ମୁଖଶାଳାରେ ଶ୍ୱାସରୁଦ୍ଧ ଭିତରକୁ ପଶିଲେ ବୋଧେ ପୈତୃକ ପ୍ରାଣଟା ଚାଲିଯିବ । "ମରଦକା ବାତ୍ ହାତୀକା ଦାନ୍ତ" ଆଣିଛି ଯେତେବେଳେ ସାଙ୍ଗରେ ବୁଲାଇ ନେଇ ଛାଡ଼ିଦେଲେ ଶଳେ ବର୍ଷ ତମାମ୍ ଗୁଣ ଗାଉଥିବେ ବିନା ଖରଚରେ ।

ସର୍ବଗିଳାକୁ ଆଗଧାଡ଼ିର ମୁଖାପିନ୍ଧା ଘଣ୍ଟେଶ୍ୱରବାବୁଙ୍କୁ ସୌଜନ୍ୟମୂଳକ ଶତକଡ଼ା ପଚାଶ ରିହାତି ଦେଇ ବିଲ୍ ରଖିଲେ । ଘଣ୍ଟେଶ୍ୱରବାବୁ ସାଥିମାନଙ୍କ ସହ ପାଞ୍ଚଶହ ମିଟର ଦୂରରେ ଥିବା ମେଲଣ ପଡ଼ିଆକୁ ମସଗୁଲ୍ ହୋଇ ଉସ୍‌ମାନ୍ ଗପ କରି ଚାଲିଲେ । ସତେଯେମିତି ଜଣାପଡୁଥିଲା ମଧ୍ୟଯୁଗୀୟ ଜନାର୍ଦ୍ଦନ ଚୌଧୁରୀ ଗ୍ରାମ ପରିକ୍ରମା କରୁଛନ୍ତି ।

ରାତି ବାରଟା ସରିକି ପ୍ରାୟ ପଚାଶ ଖଣ୍ଡ ନାମକରା ବିମାନ ତାଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନମାନଙ୍କରେ ରୋଶଣି ପାଇଁ ବସିଗଲେଣି । ହରେକ ରକମର ଆଲୋକ ସଜ୍ଜା, ଟ୍ରଲିରେ ଥାକମଡ଼ା ବଡ଼ ବଡ଼ ବକ୍ସ, ତିନିହଜାର ପାୱାରରୁ ପାଞ୍ଚ ହଜାର ୱାଟ୍ ମେସିନ୍‌ର ଭୀମ ଗର୍ଜନ ଉଚ୍ଚ ରକ୍ତଚାପରୋଗୀର ଛାତି ଥରାଇ ଦେଉଛି, ସୁସ୍ଥ ସବଳ କାନକୁ ଖାଲି ଗଁ ଗଁ ଢ଼ଁ ଢ଼ଁ ଛଡ଼ା ଆଉ କିଛି ଶୁଭୁନାହିଁ । ମେଲଣ ଦେଖା ଗଜା ଟେକାଗୁଡ଼ାକ ଟାଙ୍କେ ଟାଙ୍କେ ପିଇ ଏପାଖ ସେପାଖ ହୋଇ ଟହଲ ମାରୁଛନ୍ତି । ଦଳେ ଦଳେ ବୟସ୍କା ମହିଳା ରକ୍ଷଣଶୀଳା ଷୋଡ଼ଶୀ ତରୁଣୀମାନଙ୍କୁ ନେଇ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଉଚ୍ଚା ଉଚ୍ଚା କୋଠାମାନଙ୍କ ଉପରେ ବସି ମେଲଣ ଉପଭୋଗ କରୁଛନ୍ତି । ପ୍ରତ୍ୟେକ ବିମାନ ସାମ୍ନାରେ କୀର୍ତ୍ତନମଣ୍ଡଳୀ, ଢୋଲ ପାର୍ଟି, ଆଧୁନିକ ମେଲୋଡ଼ି ସରଞ୍ଜାମ କ୍ରମଶଃ ଲମ୍ବି ମେଲଣର ଶୋଭାକୁ ଦ୍ୱିଗୁଣିତ କରୁଅଛି । ରାସ୍ତା ଦୁଇ ପାର୍ଶ୍ୱର ସ୍ଥାୟୀ ଦୋକାନୀମାନେ ତୋରଣ ବାନ୍ଧି ସରଞ୍ଜାମରେ ଦୋକାନଗୁଡ଼ିକ ଭରପୂର ସଜାଇଛନ୍ତି । ସାଇସେବାମଣ୍ଡଳୀ ମେଲୋଡ଼ିପାର୍ଟି ପାଖଆଖ ଗ୍ରାମର ଯୁବକ ସଂଘ, ଏନ୍.ଜି.ଓ ସ୍ଥାନେ ସ୍ଥାନେ ତୋରଣ ବାନ୍ଧି ଜନସାଧାରଣଙ୍କ ପାଇଁ ପ୍ରାଥମିକ ସେବା ଓ ଜଳଯୋଗାଣ କରିବାରେ ମନୋନିବେଶ କରିଛନ୍ତି । ସର୍ବୋପରି ମେଲଣଟିଏ ଅଞ୍ଚଳରେ ସବାଶେଷରେ ପଡୁଥିବାରୁ ସମସ୍ତଙ୍କର ଉତ୍ସୁକତାକୁ ଏହା ଦ୍ୱିଗୁଣିତ କରିଅଛି ।

ରାତ୍ରିର ଶେଷ ପ୍ରହର ଚାରିଟା ପାଖାପାଖି ସମୟରେ କୋଳାହଳରେ ଯାତ୍ରା ବୃଦ୍ଧି ପାଇବାକୁ ଲାଗିଲା । କୀର୍ତ୍ତନମଣ୍ଡଳୀ, ବାଜାବଜାଳି, ନର୍ତ୍ତକୀ, ଉପଭୋଗୀ ଦର୍ଶକମଣ୍ଡଳୀ ମଜା ମାରିବା ପାଇଁ ଆଣିଥିବା ତଥା ମିଳୁଥିବା ଦେଶୀ ବିଦେଶୀ ମାଲ ପକେଇ ନିଜ ନିଜର କର୍ତ୍ତବ୍ୟ ସଂପାଦନରେ ଲାଗିପଡ଼ିଲେ । ସକାଳ ଛ'ରେ ଥାନାବାବୁ ନିର୍ଦ୍ଦେଶ ଦେଲେ କମିଟି ସଦସ୍ୟମାନଙ୍କୁ "ହାଇସ୍କୁଲ ବୋର୍ଡ ପରୀକ୍ଷା; ଯିବା ଆସିବା ପାଇଁ ରାସ୍ତା ଭିଡ଼ କମାଅ, ମାଇକ୍ ସାଉଣ୍ଡ ଅତିମାତ୍ରାରେ କମ୍ କର । ଅନ୍ତତଃପକ୍ଷେ ଦିନ ଦଶଟାରୁ ବୋବାଲ ହେଲେ ଚଳନୀୟ । ବୃହତ୍ତର ସ୍ୱାର୍ଥ ପାଇଁ ସାମୟିକ ସ୍ୱାର୍ଥକୁ ଉପେକ୍ଷା କରିବା ବୁଦ୍ଧିମାନର କାର୍ଯ୍ୟ । ଏହି ତତ୍ତ୍ୱକୁ ଗ୍ରହଣ କରି ମେଲଣ କମିଟି, ଠାକୁରବାଡ଼ିଆ, ଦର୍ଶକ ଓ ଦୋକାନୀମାନେ ମଧ ସହଜରେ ମାନିନେଲେ । ସବୁ ଠିକ୍‌ଠାକ୍ ଚାଲିଲା । ଖରାର ତେଜ ମଧ ଆଶାତୀତ ଭାବେ ବଢ଼ିଚାଲିଲା । ଦିନ ଦଶ ବାଜନ୍ତେ ଟୋକାଟୋକୀ, ବୁଢ଼ାବୁଢ଼ୀ ସମସ୍ତଙ୍କର ଗହଳି ଏତେମାତ୍ରାରେ ବଢ଼ିଚାଲିଲା ଯେ, ରାସ୍ତାରେ କଲମଟାଏ ପଡ଼ିଗଲେ ତଳୁ ଉଠାଇ ହେବନାହିଁ ।


ନଈ ପାରି ଘୋଡାମୁହାଁ ବିମାନ ପାଖରେ ପ୍ରବଳ ଲୋକ ଗହଳି । ଉନ୍ମାଦିଆ ଆଧୁନିକ ସ୍ୱରରେ କୀର୍ତ୍ତନ ସହ ଉଦ୍ଦଣ୍ଡ ନୃତ୍ୟ ଦର୍ଶକଙ୍କର ମନୋରଞ୍ଜନ କରାଉଥିଲା । କୀର୍ତ୍ତନମଣ୍ଡଳୀ ଆଗରେ ନାଳକୂଳିଆ ଢୋଲିଆଙ୍କର ଉଚ୍ଚାଙ୍ଗ ଢୋଲମାଡ଼ । ମହିନ୍ଦ୍ରା ପିକ୍‌ଅପ୍ ଡାଲାରେ ଦୁଇଜଣ ସ୍ୱଳ୍ପ ବସ୍ତ୍ରା ନର୍ତ୍ତକୀ ଉନ୍ମାଦିଆ କ୍ୟାସେଟ୍ ଗୀତରେ ନୃତ୍ୟକୁ ଗହଳି ମଧ୍ୟରେ ଠେଲାପେଲା ହୋଇ ଦର୍ଶକ ଉପଭୋଗ କରୁଥା'ନ୍ତି । ସେଠି ବୟସର ତାରତମ୍ୟ ନ ଥାଏ । ଗହଳିକୁ ଠେଲିପେଲି ଜଣକ ପରେ ଜଣେ ବେଣ୍ଟା ଟେକି ସେହି ନୃତ୍ୟରତା ଅର୍ଦ୍ଧଲଙ୍ଗଳୀ ଯୁବତୀମାନଙ୍କର ସର୍ବାଙ୍ଗକୁ ଶାଗୁଣା ଶବକୁ ଥଣ୍ଟରେ ଝୁଣିଲା ପରି ଆଖିର ଚହାଣିରେ ଗୋଟାପରି ଗିଳିପକାଉଥା'ନ୍ତି ସମସ୍ତେ । ହଠାତ୍ ବୁଲୁବୁଲୁ ନୁଖୁରା ଦାସ ଓ ବାବୁ ଘଣ୍ଟେଶ୍ୱରଙ୍କ ଦଳ ଗହଳି ସାମ୍ନାରେ ଅଟକିଗଲେ । ଏହାରି ଭିତରେ ଧକ୍କା ହାବୁକା ଖାଇ ଘଣ୍ଟେଶ୍ୱରବାବୁଙ୍କ ଇସ୍ତ୍ରୀ କରା କାମିଜଟି ଲୋଚାକୋଚା ହୋଇଗଲାଣି । ଧୂଳି ଅବିର ଧୂମାଳରେ ମୁଣ୍ଡର ବାଳଗୁଡ଼ାକ ଅସ୍ତବ୍ୟସ୍ତ ଭାବରେ ପରସ୍ପରଠାରୁ ଖାପଛଡା ହୋଇ ଖୁବ୍

ଅବାଗିଆ ଲାଗୁଛି । ଘଣ୍ଟେଶ୍ୱର ବାବୁ ସାଥୀମାନଙ୍କ ସହ ଗହଳି ଠେଲି ଆଗଉଥିବା ଅବସ୍ଥାରେ ନୁଖୁରା ଦାସ ଅଟକିଯାଇ କହିଲା, ଆଜ୍ଞା, ଟିକେ ଏଠି ରହିଯାଆନ୍ତୁ । ଭଲ ନାଚ ନାଚୁଛି ଝିଅଟା । ବହୁତ ଲୋକ ଦେଖୁଛନ୍ତି । ଟିକେ ରହିଯିବା । ଇଚ୍ଛା ନ ଥିଲେ ମଧ୍ୟ ନୁଖୁରା କଥା ରଖି ଘଣ୍ଟେଶ୍ୱର ବାବୁ ଷ୍ଟେଜ୍‌ଟେକି ଉପରକୁ ଚାହିଁଲେ ଆଃ ଭଲ ନାଚୁଛି ତ । ନର୍ତ୍ତକୀର ନାଚରେ ମୁଗ୍ଧ ହୋଇ ବାଃ ବାଃ ତା ଅଙ୍ଗଭଙ୍ଗୀ ଶରୀରର ଉନ୍ନତ ମାଂସଳର ଢେଉରେ ମୁଗ୍ଧ ହୋଇ ଜଣେ ଜଣେ ଦଶ କୋଡ଼ିଏରୁ ଆରମ୍ଭ କରି ପଚାଶ ଟଙ୍କା ପର୍ଯ୍ୟନ୍ତ ସେପ୍ଟିପିନ୍‌ରେ ମାରିବାକୁ ପ୍ରତିଯୋଗିତା ହୋଇଗଲା । ଆବଶ୍ୟକତା ଠାରୁ ଅଧିକା ମିଳୁଥିବାରୁ ନର୍ତ୍ତକୀ ମଧ୍ୟ ବରାରେ ସୋଢ଼ା ପଡ଼ି ଫୁଲିବା ଠାରୁ ଅଧିକ ଫୁଲି ଉଠିଲା । ନଇଁପଡ଼ି ପାଖ ବ୍ୟାଗରୁ ବିଦେଶୀ ମାଲ୍ କାଢ଼ି ଦୁଇଚାରି ଢୋକ ମାରିଦେଲା । ଖରାରେ ନିଶାଟା ଠିକ୍ କାମ କଲା । ଉଚ୍ଚସ୍ୱରରେ କ୍ୟାସେଟ୍‌ବାଲାକୁ କହିଲା, "ରହିଯା ଭାଇ, ସେଇ କ୍ୟାସେଟ୍‌ଟା ଲଗା ।" ହୁକୁମତ୍ ରହିମ୍ ଖାଁ ଠାର ଜାଣି ଲଗାଇଦେଲା ସେ ଦୁ ଦୁ ପିଇ କ୍ୟାସେଟ୍ । ଯେମିତି ବାଜିଛି ସେ କ୍ୟାସେଟ୍ ମହିନ୍ଦ୍ରା ପିକ୍‌ଅପ୍ ଗାଡ଼ିଟା ଖାଲି ଉଠିଲା ପଡ଼ିଲା । ତା' ସହିତ ତାଳେ ତାଳେ ନାଚି ଉଠିଲେ ଦଳେ ଉଦ୍‌ଭ୍ରାନ୍ତ ଯୁବକ । ପୁଣି ନୋଟ୍ ପରେ ନୋଟ୍ ବର୍ଷା ହୋଇ ଚାଲିଲା । ଯୁବତୀଟି ଅତିମାତ୍ରାରେ ନିଶାସକ୍ତ ହୋଇ ଉଦ୍ଦଣ୍ଡ ନୃତ୍ୟ କରିବା ସହ ଭାବବିହ୍ୱଳ ହୋଇ ସ୍କର୍ଟକୁ ଉପରକୁ ଟେକିଦେଲା । ଦେଖାଯାଉ ବା ନ ଯାଉ ଲୋଭନୀୟ ଶରୀରର ମାଦକତା ଅନେକ ଅର୍ବାଚୀନ ଯୁବକଙ୍କୁ ମତ୍ତାନ୍ଧ କରିଦେଲା । ତା' ସହିତ ନୁଖୁରା ଦାସ ମଧ୍ୟ ବିଚଳିତ ହୋଇପଡ଼ିଲା । ବହୁଦିନରୁ ସାଇତି ରଖିଥିବା ନୂଆ ପଚାଶ ଟଙ୍କିକିଆଟିକୁ ସେପ୍‌ଟିପିନ୍ ମାରି ଗାଡ଼ି ଉପରକୁ ଚଢ଼ିଗଲା ଏବଂ ଅତ୍ୟଧିକ ଭାବପ୍ରବଣତାରେ ଯୁବତୀର ଆକର୍ଷଣୀୟ ସ୍ଥାନରେ ମାରିଦେଲା । ତା'ପରେ ଅବସ୍ଥା ଅସମ୍ଭାଳ । ହଠାତ୍ କୀର୍ତ୍ତନମଣ୍ଡଳୀର ଜଣେ ଯୁବକ ଧସେଇ ପଶି ଧାଁ କରି ଥାପଡ଼ ମାରିଲା ନୁଖୁରା ଦାସ ଗାଲରେ । ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା । କ'ଣ କଥା ବହାରିବା ପୂର୍ବରୁ ଦୁଇ ଚାରି ଛଅ ବିଧା ଗୋଇଠା ମୁଥା ଗଦା ହୋଇପଡ଼ିଲା । ଦର୍ଶକମଣ୍ଡଳୀ ଦୁଇଗୋଷ୍ଠୀରେ ବିଭକ୍ତ ହୋଇଗଲେ । ଦଳେ ଘୋଡ଼ାମୁହାଁ, ଫଟଫଟିଆ ବିମାନ ଗୋଷ୍ଠୀର, ଅନ୍ୟ ଦଳେ ନୁଖୁରାପ୍ରେମୀ ଉନ୍ମାଦ ଦଳ । ପୂରା ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ । ପୁଲିସ ପଲଟଣ ଅବାକ୍ । ତଥାପି ଥାନାବାବୁ ମେଳଣର ସମ୍ଭ୍ରମତା ବଜାୟ ରଖିବାକୁ ବୁଝାଇବାକୁ ଚେଷ୍ଟା କଲେ ।

ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ବରଂ ଭଲକରି ଉତ୍ତମ ମଧ୍ୟମ କସି ଦେଇଗଲେ ତାଙ୍କୁ । ଅଷାଢୁଆ ତାଳପରି ବିଧାରେ ଅନେକ ଦରମରା । ତା'ପରେ ଆରମ୍ଭ ହୋଇଗଲା ଉଭୟପଟୁ ପଇଡ଼, ବିୟର ବଟଲ ଫୋପଡ଼ା । ଦର୍ଶକମଣ୍ଡଳୀ ଛିନ୍‌ଛତ୍ର । ନର୍ତ୍ତକୀର ନିଶା ଛାଡ଼ିଗଲା । ଭୟରେ ସେ ବିମାନ କାନ୍ଧଉଥିବା ଗୋପାଳମାନଙ୍କ ଆଶ୍ରୟ ନେଲା । କିଛି ସମୟ ପରେ ସଂଘର୍ଷ ରୂପି ବାତ୍ୟାର ପ୍ରକୋପ କମିଲା । ଘଣ୍ଟେଶ୍ୱରବାବୁ ଭିଡ଼ ଭିତରୁ ବାହାରି ଅର୍ଦ୍ଧ ଅଚେତ ନୁଖୁରାକୁ ଘୋଷାଡ଼ି ନେଇ ଥନ୍ତଲ ପେଟୁଆ ଘୁଷୁରିମୁହାଁ, ଅପରଛନିଅ କାଳିଆ ମିଠା ଦୋକାନକୁ ଚାଲିଗଲେ । ଚିହ୍ନା ଜଣା ଜଣେ ବନ୍ଧୁଙ୍କ ସଙ୍ଗେ ପଛଗଳି ବାଟେ ହୁଙ୍କାପିଟା ଗାଁ ଦେଇ ଡାକ୍ତରଖାନା ଚାଲିଗଲେ । ବାଟରେ ଗଲାବେଳେ ପିଠିଟା କାହିଁକି କଷ୍ଟ ଦେଲା । ଲାଜରେ କାମିଜଟା ଟେକି ପାରିଲେନି । କୌଣସିମତେ ବିଳମ୍ବିତ ରାତିରେ ଘରେପହଞ୍ଚିଲେ । ଧୈର୍ଯ୍ୟହରା ଶ୍ରୀମତୀ ତାଙ୍କ ଆସିବା ବାଟକୁ ଚାତକ ପରି ଚାହି ରହିଥିଲେ । ବିଳମ୍ବର କାରଣ ଜାଣିବାକୁ ସୁଯୋଗ ନ ଦେଇ ଘଣ୍ଟେଶ୍ୱରବାବୁ ଲୁଗା ବଦଳାଇବାକୁ ଲାଗିଲେ । ଅର୍ଦ୍ଧ ଉଲଗ୍ନ ଶରୀରରେ କିଛି ସମୟ ବସିଗଲେ । ଶ୍ରୀମତୀ ପାଣି ଗ୍ଲାସ୍ ଧରି ପାଖକୁ ଆସି ଅବିନ୍ୟସ୍ତ ଶରୀରକୁ ଦେଖି ଚିହିଁକି ଉଠିଲେ । ଇଏ କ'ଣ ପିଠିରେ ଗୋଟିଏ ଦାଗ ନାଲିପଡ଼ି ଫୁଲିଛି । କ'ଣ ହୋଇଛି ତୁମର ? ଘଣ୍ଟେଶ୍ୱରବାବୁ କିଛି ନ କହି ଲାଜରେ ମୁଣ୍ଡ ତଳକୁ କରି ରହିଲେ । କେତେବେଳେ ଯେ ନୁଖୁରାକୁ ରକ୍ଷା କରିବାକୁ ଯାଇ ଚାପାବାଡ଼ିରେ ଶକ୍ତ ପ୍ରହାର ଖାଇଛନ୍ତି, ତାହା ମନେପକାଇ ପାରିଲେ ନାହିଁ । ମନକୁ ମନ କହି ବସିଲେ ଏ ଶଳା ମେଳଣ, ଘୋଡ଼ା ମୁହାଁ, ଫଟଫଟିଆ, ବିମାନ ତୋତେ ଦୂରୁ ଜୁହାର, ଆହୁରି ଶତ ଜୁହାର ମା' ନର୍ତ୍ତକୀ ତୋର ଦୁ - ଦୁ - ପି ଉନ୍ମାଦିଆ ସଙ୍ଗୀତର ଡ୍ୟାନ୍‌ସକୁ..... ।

ଜାରକା, ଯାଜପୁର

୦୦୦


Admission Open
What it takes to become an achiever ?
Join ROUT CLASSES Today
+2 Sc. I CBSE (XI & XII) I JEE (Main & Adv.)
NEET I AIIMS I JIPMER I BHU
KVPY I NTSE I OLYMPIAD I NISER I IISER
Be an Achiever
ROUT CLASSES
Blooming the Hidden Treasure
ROUT CLASSES
Satya Nagar, BJB Nagar, Bomikhal (BBSR)
Arunodaya Nagar, Sector-6, CDA (CTC)
94384 09975 / 97763 55340
94384 09975
routclasses@gmail.com
www.routclasses.com




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ